## ବରିଷ୍ଠ ନାଗରିକ ମଞ୍ଚର ପ୍ରଥମ ବାର୍ଷିକ ସମ୍ମିଳନୀ

# ୫୪ ଜଣଙ୍କୁ ପରିଚୟପତ୍ର ପ୍ରଦାନ



ନିମାପଡା,୮।୧୨(ସମିସ): ନିମାପଡାସ୍ଥିତ ମହାବୀର ବରିଷ୍ଠ ନାଗରିକ ମଞ୍ଚର ପ୍ରଥମ ବାର୍ଷିକ ସମ୍ମିଳନୀ ଓ ପରିଚୟପତ୍ର ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ନିମାପଡା ଥାନା ଆଇଆଇସି ବାମଦେବ ସ୍ୱାଇଁ, ମୁଖ୍ୟବକ୍ତା ମହାକାଶ ବିଜ୍ଞାନ ସଂସ୍ଥାର ଅବସରପ୍ରାପ୍ତ ବୈଜ୍ଞାନିକ ଗନ୍ଧର୍ବ ବେହେରା, ସମ୍ମାନିତ ଅତିଥି ଓଡିଶା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ରାଜକିଶୋର ସାମନ୍ତରାୟ, ଜାତୀୟ ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର ନାଥ ସ୍ୱାଇଁ, ମହାବୀର ବରିଷ୍ଠ ନାଗରିକ ମଞ୍ଚର ସଭାପତି ନରେନ୍ଦ୍ର ମୋହନ ପରିଡା, ସମ୍ପାଦକ ରବି ନାରାୟଣ ଷଡଙ୍ଗୀ, ପ୍ରଫୁଲ୍ଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜର ଦିଗଦର୍ଶକ, ସେମାନେ କୌଣସି ଅସୁବିଧାରେ ପଡିବା କିମ୍ବା ଅସମ୍ମାନିତ ହେବା ଭଳି ଅଭିଯୋଗ ଆସେ ତେବେ ତ୍ୱରିତ ପଦକ୍ଷେପ ନେବା ପୁଲିସର କର୍ତ୍ତବ୍ୟ ବୋଲି ଆଇଆଇସି ଶ୍ରୀ ସ୍ୱାଇଁ କହିଥିଲେ। ବରିଷ୍ଠ ନାଗରିକ ମାନେ ହେଉଛନ୍ତି ସମାଜର ସମ୍ବଳ। ସରକାର ବରିଷ୍ଠ ନାଗରିକଙ୍କୁ ସୁବିଧାରେ ବଞ୍ଚିବା ଏବଂ ସେମାନଙ୍କ ଆତ୍ମସମ୍ମାନ ପାଇଁ ବିଭିନ୍ନ ସୁବିଧା ଯୋଗାଇ ଦେଉଛନ୍ତି। ବିଭିନ୍ନ ଦାବୀ ପୂରଣ ଦିଗରେ ସରକାର ଦୃଷ୍ଟି ଦିଅନ୍ତୁ ବୋଲି ବରିଷ୍ଠ ନାଗରିକ ମାନେ ମତ ରଖିଥିଲେ। ଏହି ଅବସରରେ ୫୪ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା।

# ଜହ୍ନିକୁଦାରୁ ସାତପଡ଼ା ପର୍ଯ୍ୟନ୍ତ ଚିଲିକାରେ ହେବ ସେତୁ



## କେନ୍ଦ୍ର ଦ୍ୱାରା ଅନୁମୋଦିତ

କୃଷ୍ଣପ୍ରସାଦ,୮। ୧୨(ସମିସ): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଚିଲିକା ଏବଂ ବଙ୍ଗୋପସାଗର ଘେରି ମଧ୍ୟରେ ଅବସ୍ଥିତ। ଜନସାଧାରଣଙ୍କୁ ଯାତାୟାତ ନିମନ୍ତେ ଚିଲିକାରେ ଡ଼ଙ୍ଗା ଦ୍ୱାରା ବିପଦଜନକ ଯାତ୍ରା କରିବାକୁ ପଡିଥାଏ। ତାହା ପୁଣି ୨୪ ଘଣ୍ଟିଆ ସେବା ମିଳି ନ ଥାଏ। ଜହ୍ନିକୁଦା-ସାତପଡ଼ା ଚିଲିକାରେ ଏକ ସ୍ଥାୟୀ ବ୍ରିଜ ପାଇଁ ଅଞ୍ଚଳବାସୀଙ୍କ ବହୁ ବର୍ଷ ଧରି ଦାବି ଲାଗି ରହିଥିଲା। ଗଞ୍ଜାମ ଜିଲ୍ଲାର ଗୋପାଳପୁରରୁ ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସାତପଡ଼ା ପର୍ଯ୍ୟନ୍ତ ଚିଲିକା ହ୍ରଦ ଉପରେ ପ୍ରସ୍ତାବିତ ରାଜପଥ ୫୧୬ (ଏ) ନିର୍ମାଣ କରିବାକୁ ରାଷ୍ଟ୍ରୀୟ ରାଜପଥ ପ୍ରାଧିକରଣ ପ୍ରାଥମିକ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଦୁଇଥାକିଆ ବିଶିଷ୍ଟ ଏହି ରାଜପଥ ନିର୍ମାଣ ହେବ ବୋଲି ଚିଠିରେ ଉଲ୍ଲେଖ ଅଛି। ଏଥି ନିମନ୍ତେ ଏନଏଚଏଆଇ କର୍ତ୍ତୃପକ୍ଷ ଗାଜିଆବାଦର ଚୈତନ୍ୟ ପ୍ରୋଜେକ୍ଟ କନସଲଟାନ୍ସୀ ପ୍ରାଇଭେଟ ଲିମିଟେଡ଼କୁ ଚିଠି ମଧ୍ୟ କରାଯାଇଥିବା ଜଣାପଡିଛି। ଆସନ୍ତା ଡିସେମ୍ବର ୧୧ ତାରିଖ ସୁଦ୍ଧା ଯୁଦ୍ଧକାଳୀନ ଭିତ୍ତିରେ ଡ୍ରୋନ ସର୍ଭେ ସାରିବାକୁ ବି ଚିଠିରେ ଉଲ୍ଲେଖ ରହିଛି। ଚିଲିକା ହ୍ରଦ ଉପରେ ଜାତୀୟ ରାଜପଥ ତିଆରି ହେଉଥିବାରୁ ପରିବେଶର ମଞ୍ଜୁରୀ ଆବଶ୍ୟକତା ରହିଥିବା ଜଣାପଡିଛି।

# ପ୍ରଶାସନିକ ଅବହେଳାରୁ କୁଣ୍ଢେଇ ହାଟ ନିଲାମ ସ୍ଥଗିତ ଅଭିଯୋଗ

ଗମ୍ଭାରୀପଦା,୮।୧୨(ସମିସ): ପଞ୍ଚାୟତ ଆୟର ଉତ୍ସ ଗୁଡିକକୁ ସର୍ବସାଧାରଣରେ ନିଲାମ କରାଇବାର ଦାୟିତ୍ୱକୁ ଠିକ୍ ଭାବେ ନିର୍ବାହ କରିବାରେ ବିଫଳ ହୋଇଛି କାକଟପୁର ବ୍ଲକ ପଞ୍ଚାୟତରାଜ ବିଭାଗ ବୋଲି ଅଭିଯୋଗ ଆଣିଛନ୍ତି କୁଣ୍ଢେଇ ପଞ୍ଚାୟତର ଅଧିବାସୀ। ସେମାନଙ୍କ ଅଭିଯୋଗ ମୁତାବକ କାକଟପୁର ବ୍ଲକ ଅନ୍ତର୍ଗତ ୧୬ ଗୋଟି ପଞ୍ଚାୟତରେ ଥିବା ସାପ୍ତାହିକ ହାଟମାନଙ୍କ ମଧ୍ୟରେ କୁଣ୍ଢେଇ ହାଟ ସର୍ବପୁରାତନ ଓ ଅଞ୍ଚଳର ବଡ଼ ହାଟ ଅଟେ। ଏହାର ନିଲାମ ଅର୍ଥ ସହିତ ସରକାରୀ ଅନୁଦାନ ରାଶି ମିଶି ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥାଏ। କିନ୍ତୁ ବିଗତ ଦୁଇ ବର୍ଷ ହେବ ବ୍ଲକ ପ୍ରଶାସନିକ ଅପାରଗତା ହେତୁ ହାଟ ନିଲାମ ହୋଇପାରୁନାହିଁ। ପୂର୍ବ ଥରର ନିଲାମଧାରୀ ନିଲାମ ଅର୍ଥ ପୈଠ କରି ନ ଥିବା ବେଳେ ଚଳିତ ବର୍ଷ ହାଟକୁ ନିଲାମ କରାଯାଇନାହିଁ। ଯଦିଓ ପଞ୍ଚାୟତ ପକ୍ଷରୁ ଲୋକ ରଖି ପ୍ରତି ହାଟ ପାଳିରେ ହାଟ ମାହାସୁଲ ଆଦାୟ କରୁଛି, କିନ୍ତୁ ସମସ୍ତ ଆଦାୟ ରାଶି ଜମା କରା ନ ଯାଇ ତାହାର ସିଂହ ଭାଗ ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି। ଯାହାଫଳରେ ପଞ୍ଚାୟତ ଆର୍ଥିକ କ୍ଷତି ସହୁଅଛି। ପଞ୍ଚାୟତକୁ ମିଳୁଥିବା ଅନୁଦାନ ରାଶିରେ ହାଟରେ ଉନ୍ନତିକରଣ କରାଯାଇ ବ୍ୟବସାୟୀଙ୍କ ପାଇଁ ପିଣ୍ଡି ନିର୍ମାଣ କରାଯାଇଥିଲେ, ମଧ୍ୟ ହାଟକୁ ଆସୁଥିବା ଗ୍ରାହକମାନଙ୍କ ପାଇଁ ପରିଶ୍ରା ଓ ଶୌଚ ପାଇଁ କିଛି ବ୍ୟବସ୍ଥା ନ ଥିବାରୁ ହାଟ ସମୟରେ ହାଟ ପରିବେଶ ଅସ୍ୱାସ୍ଥ୍ୟକର ରହୁଅଛି। ହାଟ ତାର ପୂର୍ବ ଗାରିମା ହରାଇ ସଂକୁଚିତ ହୋଇ କେବଳ ପରିବା ହାଟରେ ସୀମିତ ରହିବା ଭଳି ସ୍ଥିତିରେ ପହଞ୍ଚିଲାଣି। କାରଣ ହାଟର ପରିସୀମାରେ ଥିବା ସରକାରୀ ଜମି ଗୁଡ଼ିକୁ ବାଉଁଶ ବ୍ୟବସାୟୀ ଓ ଜମି ମାଫିଆମାନେ ମାଡି ବସିଥିଲେ ମଧ୍ୟ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନ ନିରବଦ୍ରଷ୍ଟା ସାଜି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି। ଅନ୍ୟପକ୍ଷରେ ବ୍ଲକ ପଞ୍ଚାୟତ ଅଧିକାରୀଙ୍କୁ ଏ ସମ୍ପର୍କରେ ପ୍ରତିକ୍ରିୟା ମାଗିଲେ ସେ କୁହନ୍ତି ସାଧାରଣ ନିର୍ବାଚନ ପାଇଁ ହାଟ ନିଲାମ କରାଯାଇ ପାରିନାହିଁ। ଆଗାମୀ ମାର୍ଚ୍ଚ ମାସରେ ଆମେ ନିଲାମ କରାଇବୁ। ନିୟମିତ ବ୍ୟବଧାନରେ ହାଟ ନିଲାମ କରାଇବାକୁ କାକଟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେଉଛି।

# ଜେଜେବାପା ଓ ଜେଜେମାଆ ସମ୍ମିଳନୀ ଅନୁଷ୍ଠିତ

ନୂଆପଲମ ହାଟ,୮।୧୨(ସମିସ): ନୂଆପଲମ ହାଟ ନିକଟସ୍ଥ ଯୋଗେଶ୍ୱପୁର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭା ଗୃହରେ ମଧ୍ୟରେ ଜେଜେବାପା ଓ ଜେଜେମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଭାକର ଦାସ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସଭାପତି ପ୍ରସନ୍ନ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଅତିଥିମାନେ ନାତି ନାତୁଣୀମାନଙ୍କୁ ଗଢି ତୋଳିବାରେ ପ୍ରମୁଖ ଭୂମିକା ବିଷୟରେ ଉପସ୍ଥିତ ଥିବା ଜେଜେବାପା ଓ ଜେଜେମାଆମାନଙ୍କୁ ସ୍ମରଣ କରାଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଭୀମସେନ ରାୟ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

# ବଡ଼ଅଁଳ ପଞ୍ଚାୟତରେ ଶ୍ରୀଅନ୍ନ ସଚେତନତା



କୃଷ୍ଣପ୍ରସାଦ,୮।୧୨(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡଅଁଳ ପଞ୍ଚାୟତର ହରିପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ କୃଷି ବିଭାଗ ପକ୍ଷରୁ ଶ୍ରୀ ଅନ୍ନ (ପୁଷ୍ଟି ଶସ୍ୟ ମାଣ୍ଡିଆ )ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡଅଁଳ ପଞ୍ଚାୟତ ସରପଞ୍ଚ ବୀଣାପାଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା କାଜଲ ଦଳାଇ, କୃଷି ଅଧିକାରିଣୀ ରାଜଲକ୍ଷ୍ମୀ ସାହୁ, ସହକାରୀ କୃଷି ଅଧିକାରୀ ସୌମ୍ୟ ରଞ୍ଜନ ପାତ୍ର, ଗ୍ରାମସେବକ ସନ୍ତୋଷ ଶବର ପ୍ରମୁଖ ଯୋଗଦେଇ ମାଣ୍ଡିଆ ଚାଷର ଅଧିକ ଅମଳ କିଭଳି କରାଯାଇପାରିବ ସେ ଦିଗରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଶ୍ରୀ ଅନ୍ନ ଅଭିଯାନ ସଂସ୍ଥା କୋର୍ଡିନେଟର ତାରିଣୀ ନାୟକ, ସହକାରୀ କୋର୍ଡିନେଟର ଭିକାରୀ ଚରଣ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଚଳିତ ମାସ ୧୭ ତାରିଖ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ପୁରୀ ଶରଧାବାଲି ଠାରେ କୃଷି ମେଳା ଅନୁଷ୍ଠିତ ହେବ। ଉକ୍ତ ମେଳରୁ ଚାଷୀମାନେ ରିହାତି ଦରରେ ଯନ୍ତ୍ରପାତି କ୍ରୟ କରିବାକୁ ବିଭାଗୀୟ ଅଧିକାରୀ ମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ରଞ୍ଜନ ଦଳବେହେରା, ସତ୍ୟବାନ ନାୟକ, ରଜନୀକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଖାଦ୍ୟ ଓ ବିଜ୍ଞାନ ମେଳା



ଚାରିଛକ,୮।୧୨(ସମିସ): ଚାରିଛକ ନିକଟସ୍ଥ ତୁଳସୀପୁର (ପଥରପଦା)ସ୍ଥ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଶନିବାର ଖାଦ୍ୟ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ କର ଏବଂ ବିଚାରକ ଭାବେ ବେଗୁନିଆ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର କୁମାର ମୁଦୁଲି, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ବସନ୍ତ ସାର ପ୍ରମୁଖ ଯୋଗଦେଇ ପ୍ରକଳ୍ପ ଗୁଡିକ ମୂଲ୍ୟାୟନ କରିଥିଲେ। କୁନି କୁନି ଶିଶୁମାନେ ଭବିଷ୍ୟତରେ ଜଣେ ଜଣେ ଭଲ ବୈଜ୍ଞାନିକ ହେବେ ବୋଲି ଅତିଥିମାନେ ସେମାନଙ୍କୁ ଉପଦେଶ ଦେଇଥିଲେ। ଏହି ବିଜ୍ଞାନ ମେଳାରେ ୧୦୦ଟି ପ୍ରକଳ୍ପ ଓ ଖାଦ୍ୟ ମେଳାରେ ପ୍ରାୟ ୯୦ ପ୍ରକାର ଖାଦ୍ୟ ଶିଶୁମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ, ଅଧ୍ୟକ୍ଷ ନରେନ୍ଦ୍ର ଶତପଥି, ଉପାଧ୍ୟକ୍ଷ ନିରଞ୍ଜନ ସେନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷାକେନ୍ଦ୍ରର ଶିକ୍ଷକ ଦୀପକ ଦାଶ, ଦିଲୀପ ରାଉତ, ଦିଲ୍ଲୀପ ତ୍ରିପାଠୀ, ରମେଶ ଚକ୍ରବର୍ତ୍ତୀ, ସନ୍ଧ୍ୟାରାଣୀ ଦାଶ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ। ଏହି ମେଳାରେ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଯୋଗ ଦେଇଥିଲେ।

# କାର୍ ଧକ୍କାରେ ସ୍କୁଟିଚାଳକ ଗୁରୁତର

ନୟାହାଟ,୮।୧୨(ସମିସ): ଚାରିଛକ-ନୟାହାଟ ମୁଖ୍ୟ ପିଚୁ ରାସ୍ତାର ତୁଳଶିପୁର ଠାରେ ଏକ ଅଜଣା କାର ଧକ୍କାରେ ଜଣେ ସ୍କୁଟି ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣଙ୍କ ନୟାହାଟ ଫାଣ୍ଡି ଧୂମାଳ ପଞ୍ଚାୟତର ଧୁମାଳ ଗ୍ରାମର ଲକି ମିଶ୍ର ବୋଲି ଜଣା ପଡିଛି। ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ନାଚରୁ ରକ୍ତ ବାହାରିବା ସହିତ ଡାହାଣ ଗୋଡ଼ ଭାଙ୍ଗିଯାଇଛି। ତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

# ଘରୋଇ ବସ୍‌ର ମନମାନି; ଯାତ୍ରୀ ଭୋଗୁଛନ୍ତି ଅସହ୍ୟ ଯନ୍ତ୍ରଣା

ଗମ୍ଭାରିପଦା, ୮।୧୨(ସମିସ): ଘରୋଇ ବସ ଗୁଡ଼ିକର ମନମାନି ଚରମ ସୀମାରେ ପହଞ୍ଚିଛି। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୁବନେଶ୍ୱରରୁ ଆସୁଥିବା ବସରେ ଅସ୍ତରଙ୍ଗ ବୋଡର୍ ମରାଯାଇଥିବା ବେଳେ ଯାତ୍ରୀଙ୍କୁ କୁହାଯାଉଛି ବସ ଅସ୍ତରଙ୍ଗ ଯିବନି, ସେମାନଙ୍କୁ କାକଟପୁର ବସଷ୍ଟାଣ୍ଡରେ ଓହ୍ଲାଇ ଦିଆଯାଉଛି। ଯାତ୍ରୀମାନେ ଭୁବନେଶ୍ୱର ଅଭିମୁଖେ ଗଲାବେଳେ କାକଟପୁର ମଙ୍ଗଳା ମନ୍ଦିର ନିକଟ ପୁରୁଣା ବସଷ୍ଟାଣ୍ଡରୁ ଲୋକଙ୍କୁ ନିଆଯାଉଛି କିନ୍ତୁ ଫେରିଲା ବେଳକୁ ୨ କିଲୋମିଟର ଦୂର ନୂଆ ବସଷ୍ଟାଣ୍ଡରେ ଛଡା ଯାଉଛି। ଯାହାକୁ ନେଇ ଯାତ୍ରୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମହିଳାମାନେ ରାତିରେ ଫେରିବା ବେଳେ ବେଶୀ ଅସୁରକ୍ଷିତ ମନେ କରୁଛନ୍ତି। ଅନେକ ସମୟରେ ମହିଳା ଓ ଶିଶୁ ବସରୁ ଓହ୍ଲାଇ ୨ କିଲୋମିଟର ପର୍ଯ୍ୟନ୍ତ ଚାଲି ଚାଲି ଯାଉଛନ୍ତି। ଯେଉଁମାନେ ଅସ୍ତରଙ୍ଗ ଯାଉଛନ୍ତି ସେମାନେ ରାତିରେ ଅଟୋ ରିଜର୍ଭ କରି ସେ ବାବଦରେ ୩୦୦ ଟଙ୍କା ଦେଇ ଖର୍ଚ୍ଚାନ୍ତ ହେଉଛନ୍ତି। ଘରୋଇ ବସ କର୍ମଚାରୀଙ୍କ ଦୌରାତ୍ମ୍ୟ କାକଟପୁରରେ ବୃଦ୍ଧି ପାଉଛି। ଯାତ୍ରୀଙ୍କ ଠାରୁ ଅସ୍ତରଙ୍ଗ ପଇସା ନିଆଯାଇ କାକଟପୁରରେ କଣ ପାଇଁ ଛଡା ଯାଉଛି ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଉଛି। ଏହି ଘଟଣାକୁ ନେଇ ସମାଜସେବୀ ବିଶ୍ୱଜିତ ଦାଶ କହିଛନ୍ତି ଯେ ଘରୋଇ ବସ ଗୁଡିକ ରାତିରେ ଯାତ୍ରୀ ମାନଙ୍କୁ ସୁରକ୍ଷିତ ଭାବେ ଯଦି ଅସ୍ତରଙ୍ଗରେ ନ ଛାଡିବେ ତାହେଲେ ଆଗାମୀ ଦିନରେ ଜିଲ୍ଲା ଆରଟିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

# ତୁଳସୀପୁର ପଞ୍ଚାୟତରେ କଂଗ୍ରେସର ସାଂଗଠନିକ ବୈଠକ

ଚାରିଛକ,୮।୧୨(ସମିସ): ନିମାପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତରେ ନିମାପଡା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ôଥ ସିଦ୍ଧାନ୍ତ ରାଉତରାୟ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଗାମୀ ଦିନରେ ତୁଳସୀପୁର ପଞ୍ଚାୟତ ସମେତ ଚାରିଛକ ଜୋନ ଅଞ୍ଚଳରେ କିଭଳି ଭାବେ ଦଳ ମଝଭୁତ ହେବ ଅଞ୍ଚଳରେ ଭଲ କାମ କରିବ ଏହି ବୈଠକରେ ଯୁବ ନେତା ଶ୍ରୀ ରାଉତରାୟ କର୍ମୀମାନଙ୍କୁ ଗୁରୁ ମନ୍ତ୍ର ଦେଇଥିଲେ। ସାଧାରଣ ଲୋକମାନଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଇ ବ୍ଲକର ସମସ୍ତ ଯୋଜନା ପାଇବାରୁ ବଞ୍ଚିତ ନ ହେବେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଏହି ପ୍ରସ୍ତୁତି ବୈଠକରେ ଚାରିଛକ ଜୋନ ସଭାପତି ବିଜୟ କୁମାର ମଲ୍ଲିକ, ତୁଳସୀପୁର ପଞ୍ଚାୟତ ସଭାପତି ରଘୁ ବେହେରା , ବରିଷ୍ଠ କର୍ମୀ ଜଟାଧାରୀ ବେହେରା, ଅର୍ଜୁନ ସ୍ୱାଇଁ, ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଦାସ, ପ୍ରଫୁଲ୍ଲ ସାହୁ, ଇଲିୟାଜ ଖାଁ, ଚିତ୍ତ ଭୋଇ, ଅଖିଳ ଭୋଇ, ହରିହର ବେହେରା, ଜୟକୃଷ୍ଣ ସାହୁ, ପ୍ରଶାନ୍ତ ଭୋଇ, ଇସ୍ରାହାକ ଖାଁ ସହିତ ଶତାଧିକ କର୍ମୀ ଯୋଗ ଦେଇଥିଲେ ।

## ଚତୁର୍ଥ ଟୁବୁଲି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଖୋର୍ଦ୍ଧା ମହିଳା କ୍ରିକେଟ ଟିମ୍ ବିଜୟୀ



ନିମାପଡା,୮।୧୨(ସମିସ): ନିମାପଡାସ୍ଥିତ ବାରବାଟି ପଡିଆରେ ଅନୁଷ୍ଠିତ ଚତୁର୍ଥ ଟୁବୁଲି ମେମୋରିଆଲ ଓ ବାରବାଟୀ କପ୍-୨୦୨୪ ମ୍ୟାଚରେ ଖୋର୍ଦ୍ଧା ମହିଳା କ୍ରିକେଟ ଟିମ୍ ବିଜୟୀ ହୋଇଛି। ପ୍ରଥମେ ଟସ୍ ଜିଣି ଖୋର୍ଦ୍ଧା ମହିଳା କ୍ରିକେଟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ଓଇକେଟ୍ ହରାଇ ୧୨୨ ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅର୍ଚ୍ଚନା ପରିଡା ୫୧ରନ ଏବଂ ମହିମା ଚୌହାନ ୩୯ ରନ ସଂଗ୍ରହ କରିଥିଲେ। କିଟ୍ ମହିଳା କ୍ରିକେଟ୍ ଦଳର ବୋଲର କୁନି ବଦରା ୨ ଉଇକେଟ୍ ଓ ଗୀତାଞ୍ଜଳୀ ହାଂସଦା ୧ଉଇକେଟ୍ ଅକ୍ତିଆର କରିଥିଲେ। ପରେ କିଟ୍ ମହିଳା ଦଳ ବ୍ୟାଟିଂକରି ୨୦ଓଭରରେ ୯ ଉଇକେଟ ହରାଇ ୧୦୫ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅନନ୍ୟା ମିଶ୍ର ୨୯ ରନ ଓ ଶିତଲ ରାଉତ ୧୫ ରନ ସଂଗ୍ରହ କରିଥିଲେ। ଖୋର୍ଦ୍ଧା ମହିଳା ଟିମ୍‌ର ବୋଲର ଶୁଭାଂଶୀ ପ୍ରିୟଦର୍ଶିନୀ ୩ ଉଇକେଟ୍ ଓ ଅନୁସ୍କା ମିଶ୍ର ୧ ଉଇକେଟ୍ ଅକ୍ତିଆର କରିଥିଲେ। ଆଜିର ମ୍ୟାଚକୁ ଅମ୍ପାୟର ଭାବେ କ୍ରୀଡାବିତ୍ ନିର୍ମଳ କୁମାର ମିଶ୍ର ଓ ଅୟସକାନ୍ତ ମିଶ୍ର ପରିଚାଳନା କରିଥିବା ବେଳେ ରୋଶନଜିତ୍ ରାୟ ଓ ଅନିଶ୍ ପ୍ରଧାନ ସ୍କୋର ଭାବେ ଦାୟିତ୍ୱ ଭାର ଗ୍ରହଣ କରିଥିଲେ। ଆଜିର ମ୍ୟାଚରେ ବିଜେତା ଦଳକୁ ୧୦ ହଜାର ଏକ ଟଙ୍କା ଟ୍ରଫି ଓ ଉପ ବିଜେତା ଦଳକୁ ୫ ହଜାର ଏକ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଆଜିର ମ୍ୟାଚରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ତଥା ଶିକ୍ଷାବିତ୍ ପ୍ରଫେସର କ୍ଷୀରୋଦ କୁମାର ରାୟ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବିଜେଡି ମହିଳା ସଭାନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ସମାଜସେବୀ ଅକ୍ଷୟ ଜେନା ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।






# ୧୬ରେ ରଥକାଠ ପାଇଁ ଗଛ କଟା ଅନୁକୂଳ

● ନୟାଗଡ଼ ଯିବେ ଶ୍ରୀମନ୍ଦିର ଟିମ୍

ପୁରୀ,୮।୧୨(ସମିସ): ଆସନ୍ତା ରଥଯାତ୍ରା ପାଇଁ ସଜବାଜ ହେଲାଣି ଶ୍ରୀମନ୍ଦିର ପ୍ରଶାସନ। ପରମ୍ପରା ଅନୁଯାୟୀ, ଗଣିଆର ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ପରେ ରଥ ପାଇଁ କାଠ କାଟିବା ଅନୁକୂଳ ହୋଇଥାଏ। ତେଣୁ ଏଥିଲାଗି ଆସନ୍ତା ୧୬ ତାରିଖରେ ଶ୍ରୀମନ୍ଦିରର ୪ ଜଣିଆ ଟିମ୍ ନୟାଗଡ଼ ଗସ୍ତ କରିବେ ବୋଲି ଜଣାପଡିଛି । ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏହି ଟିମ୍‌ରେ ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ ଯିବାର କାର୍ଯ୍ୟକ୍ରମ ରହିଛି। ଏମାନେ ସାଥିରେ ଲାଗି ମାଳ ମାହାର୍ଦ୍ଦ, ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ, ଧୂପ, ଦୀପ, ନଡ଼ିଆ ପ୍ରଭୃତି ନେଇ ଯିବେ । ୧୭ ତାରିଖରେ ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ରଥ ପାଇଁ କାଠ କଟା ଶୁଭାରମ୍ଭ କରାଯିବ ବୋଲି ଜଣାପଡିଛି।

# ଶିବ-ପାର୍ବତୀ ଏକ ଓ ଅଭିନ୍ନ

ପୁରୀ,୮।୧୨(ସମିସ): ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ରାଣୀସତୀ ଭବନ ପରିସରରେ ରବିବାର 'ଏକାମ୍ରକ୍ଷେତ୍ରେ ଶିବ-ପାର୍ବତୀ ରାହାସ' ପୁସ୍ତକର ସମୀକ୍ଷା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଡ. ପ୍ରଭାତ କୁମାର ମହାପାତ୍ର ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡ. ପ୍ରମୋଦ କୁମାର ଦଳାଇ, ଡ. କାର୍ତ୍ତିକ କୁମାର ଦାସ, ପ୍ରାଧ୍ୟାପକ ଲକ୍ଷ୍ମୀପ୍ରସାଦ ମିଶ୍ର, ପଣ୍ଡିତ ସଦାଶିବ ମିଶ୍ର ଓ କେଶବ ଚନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚସୀନ ଥିଲେ। ଶିବ ଓ ପାର୍ବତୀ ଏକ ଓ ଅଭିନ୍ନ ବୋଲି ଏଥିରେ ମତପ୍ରକାଶ ପାଇଥିଲା। ଭାବ ହିଁ ସୃଷ୍ଟିର ଆଦିମ ଉତ୍ସ। ଶିବ ପାର୍ବତୀ ହିଁ ସୃଷ୍ଟିର ପରମ ରହସ୍ୟ ଏହା ଶାସ୍ତ୍ରୀୟ ନିର୍ଯାସ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିବା ବେଳେ ପୁସ୍ତକର ଲେଖକ ଇଂ. କେଶବ ଚନ୍ଦ୍ର ପାତ୍ର ନିଜସ୍ୱ ମତ ପ୍ରଦାନ କରିଥିଲେ। ଏଥିରେ ଗବେଷକ ନାରାୟଣ ନନ୍ଦ, ଦୟାନିଧି ତ୍ରିପାଠୀ, ପ୍ରଭାତ ଚନ୍ଦ୍ର ରଥ, ପୌର୍ଣ୍ଣମାସୀ ଦେବୀ, ଅନ୍ନପୂର୍ଣ୍ଣା ଦେବୀ, ଚାରୁଲତା ମିଶ୍ର ପ୍ରମୁଖ ଆଲୋଚନା କରିଥିଲେ। ଭାଗବତ ପ୍ରସାଦ ପଟ୍ଟନାୟକ, ନାରାୟଣ ମିଶ୍ର, ତପନ କୁମାର ସେଠୀ, ଅନୁକୂଳ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ। ପରିଶେଷରେ ସଦସ୍ୟା ଆଶାଲତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ମାନବାଧିକାର କର୍ମୀଙ୍କୁ ମାର୍ଗଦର୍ଶନ

ପୁରୀ,୮।୧୨(ସମିସ): ସ୍ଥାନୀୟ ୟୁଥ୍ ହଷ୍ଟେଲରେ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ପକ୍ଷରୁ ଚାଲିଥିବା ଆଲୋଚନାଚକ୍ରର ରବିବାର ଥିଲା ଦ୍ୱିତୀୟ ଦିନ। ଏଥିରେ ଯୋଗଦେଇଥିବା ଅତିଥିମାନେ ମାନବାଧିକାର କର୍ମୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ଆୟୋଜିତ 'ମାନବିକ ଅଧିକାର ଓ ଏହାର ସାମାଜିକ ଉପଯୋଗିତା' ଶୀର୍ଷକ ଆଲୋଚନାରେ ମୁଖ୍ୟଅତିଥି ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ ଓ ମୁଖ୍ୟବକ୍ତା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ କ୍ଷୀରୋଦ କୁମାର ନାୟକ ଯୋଗଦେଇ ମାନବ ସାମାଜିକ ନ୍ୟାୟ ପାଇଁ ହକ୍‌ଦାର। ଏହାର ବ୍ୟତିକ୍ରମ ଘଟିଲେ ସମାଜରେ ବିଭ୍ରାଟ, ଦେଶରେ ଅରାଜକତା ସହ ଅଧୋଗତି ହେବ ବୋଲି ଆଲୋକପାତ କରିଥିଲେ। ସମାଜସେବୀ ମନୋଜ କୁମାର ଜେନା ସଭା ପରିଚାଳନା କରିଥିଲେ। ଏଥିରେ ମାନବାଧିକାର କର୍ମୀ ରାଜ୍ୟ ସଙ୍ଗଠକ କଳ୍ପତରୁ ଖୁଣ୍ଟିଆ, ରାଜୀବ କୁମାର, ମନୀଷା ଦାଶ, ଅଧ୍ୟାପକ ଡ. ବଳରାମ ଦାଶ, କାର୍ଯ୍ୟକ୍ରମ ସଂଯୋଜିକା ପ୍ରାନ୍ତସିନୀ ଜେନା, ପୂର୍ଣ୍ଣଚନ୍ଦ୍ର ସାହୁ, ଡ. ରାଧେଶ୍ୟାମ ରଥ, ଅଧ୍ୟାପକ ଦୟାନିଧି ପଣ୍ଡା, ଡ. ଶଶୀକାନ୍ତ ରଥ ଯୋଗଦେଇ ସମଗ୍ର ବିଶ୍ୱରେ ସାମାଜିକ ପ୍ରଗତି ପାଇଁ ମାନବ ଅଧିକାରର ଆବଶ୍ୟକତା ରହିଛି। ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମାଜସେବା ପାଇଁ ଆଗକୁ ଆସିବାକୁ ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ।

## ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି

# ଧାନ ବିକ୍ରି ପାଇଁ ୪୯,୨୪୦ ଚାଷୀ ହୋଇଛନ୍ତି ପଞ୍ଜିକୃତ

ପୁରୀ,୮।୧୨(ସମିସ)

ବରଗଡ଼ ଜିଲ୍ଲା ସୋହେଲାରୁ ରବିବାର ମୁଖ୍ୟମନ୍ତ୍ରୀ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ସବ୍‌ସିଡ ପ୍ରଦାନର ଶୁଭାରମ୍ଭ କରିଛନ୍ତି। ତେବେ ତାଳବଣିଆଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଥିଲେ ଯେ ଏ ବର୍ଷ ଚାଷୀ କୁଇଣ୍ଟାଲ ପିଛା ଧାନର ମୂଲ୍ୟ ୨୩୦୦ ଟଙ୍କା ଓ ସବ୍‌ସିଡ ୮୦୦ ଏହିଭଳି ୩,୧୦୦ ଟଙ୍କା ପାଇବେ। ଆମ ସରକାର ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବାରେ ବିଶ୍ୱାସ କରେ। ସୁଭଦ୍ରା ଯୋଜନାରେ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ମା'ଙ୍କୁ ସାମିଲ କରାଯାଇଛି। ଚଳିତ ଖରିଫ ଋତୁରେ ପୁରୀ ଜିଲ୍ଲାରେ ୪୯,୨୭୬ ଚାଷୀ ଅନଲାଇନରେ ପଞ୍ଜିକରଣ କରିଥିଲେ। ଯାଞ୍ଚ ପରେ ୪୯,୨୪୦ ଯୋଗ୍ୟ ବିବେଚିତ ହୋଇଛନ୍ତି। ଚଳିତବର୍ଷ ୧୮୪ଟି ସୋସାଇଟି ଓ ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ ସଂଗ୍ରହରେ ନିୟୋଜିତ ଅଛନ୍ତି। ୨୧ଟି ମିଲର ଜିଲ୍ଲାର ଧାନ ସଂଗ୍ରହରେ ସହଯୋଗ କରିବେ।

**୧୮୪ଟି ସୋସାଇଟି ଓ ୩ଟି ଏସ୍‌ଏଚ୍‌ଜି ଧାନ ସଂଗ୍ରହରେ ନିୟୋଜିତ**

କୌଣସି କଟନି ଛଟନି ହେବ ନାହିଁ କିମ୍ବା ଧାନ ସଂଗ୍ରହରେ ଯେପରି ସମସ୍ୟା ରହିବ ନାହିଁ ସେଥିପାଇଁ ମନ୍ତ୍ରୀ ଓ ବିଧାୟକମାନଙ୍କୁ ମଣ୍ଡି ଜଗିବାର ଦାୟିତ୍ୱ ଦିଆଯାଇଛି। ଧାନର ପ୍ରାପ୍ୟ ୩,୧୦୦ ଟଙ୍କା ଡିବିଟି ମାଧ୍ୟମରେ ଚାଷୀଙ୍କ ଆକାଉଣ୍ଟକୁ ୨୪ ରୁ ୪୮ ଘଣ୍ଟା ମଧ୍ୟରେ ପଠାଯିବ ବୋଲି ଶ୍ରୀମତୀ ପରିଡା ସୂଚନା ଦେଇଛନ୍ତି। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ସରକାର କୃଷକଙ୍କୁ ସମସ୍ତ ସହଯୋଗ ଯୋଗାଇଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଏହି ଇନପୁଟ ସହାୟତା କୃଷକଙ୍କୁ ସେମାନଙ୍କ ଚାଷ ପାଇଁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ମନୋବଳକୁ ବୃଦ୍ଧି କରିବ ବୋଲି କହିଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, କୃଷକ ଯୋଗ ଦେଇଥିଲେ।

ସୂଚନାଯୋଗ୍ୟ ଯେ ଆସନ୍ତା ଜାନୁୟାରୀ ୩ ତାରିଖରୁ ବ୍ରହ୍ମଗିରି, ପିପିଲି ଓ କୃଷ୍ଣପ୍ରସାଦ ବ୍ଲକରେ ଧାନ ସଂଗ୍ରହ କରାଯିବ। ଜାନୁଆରୀ ୭ରୁ ଅନ୍ୟାନ୍ୟ ସମସ୍ତ ବ୍ଲକରୁ ଧାନ ସଂଗ୍ରହ ହେବ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରେ ୧୧,୬୮,୬୦୩ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଲକ୍ଷ୍ୟ ବୃଦ୍ଧି କରାଯିବ। ଅଭାବୀ ଧାନ ବିକ୍ରି ଓ ବେନିୟମ କିଣା ବିକାକୁ ପ୍ରତିହତ ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଓ ସମବାୟ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତା ସୂଚନା ଦେଇଛନ୍ତି।

ଚତୁର୍ଥ ପୁରୀ ବିଚ୍ ମାରାଥନ୍




ଶ୍ରୀ ପଦ୍ମାଳୟା ନୃତ୍ୟ ମହୋତ୍ସବ

# ଦର୍ଶକଙ୍କ ମନକୁ ଛୁଇଁଲା ଏକକ ଓ ଦଳଗତ ନୃତ୍ୟ

ପୁରୀ,୮।୧୨(ସମିସ)

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ରବିବାର ପ୍ରଥମ ଶ୍ରୀ ପଦ୍ମାଳୟା ନୃତ୍ୟ ମହୋତ୍ସବ ଏକକ ଦଳଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ଏକକ ଏବଂ ଦଳଗତ ନୃତ୍ୟରେ କମ୍ପିଛି ଅନ୍ନପୂର୍ଣ୍ଣା ପରିସର। ଓଡ଼ିଶୀ, ସମ୍ବଲପୁରୀ, ଆଦିବାସୀ କୁଇ ନୃତ୍ୟ ସାଙ୍ଗକୁ ଭଜନ ନୃତ୍ୟ ଦର୍ଶକଙ୍କ ମନକୁ ବେଶ୍ ଛୁଇଁଛି।

ଅତିଥି କଳାକାର ନୃତ୍ୟଶିଳ୍ପୀ ସୁଶ୍ରୀ ଭିଦିସା ବସୁ ମଲ୍ଲିକ, ଓଡ଼ିଶୀ ନୃତ୍ୟ ଗବେଷକ ଶେଖରସୁମନ ମାଝି, ସଞ୍ଜୀତ୍ କୁମାର ପ୍ରଧାନ, ନୃତ୍ୟ ଗୁରୁ ମନୋଜ କୁମାର ପ୍ରଧାନଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଏକକ ଏବଂ ଦଳଗତ ନୃତ୍ୟରେ ସିପ୍ରା ମିଶ୍ର, ଅର୍ଚ୍ଚନା ସାହୁ, ମମତା ଭୋଇ, ସୁପ୍ରିୟା ପଲ୍ଲେଇ, ଭାଗ୍ୟଲକ୍ଷ୍ମୀ ଜେନା, କାଳୁଚରଣ ବରାଳ, ବଳରାମ ସେଠୀ, ଶୁଭସ୍ମିତା ବଳ ପ୍ରମୁଖ ଶ୍ରୀ ଜଗନ୍ନାଥଷ୍ଟକମ୍, ଅଭିନୟ, ମୋକ୍ଷ, ଆଦିବାସୀ କୁଇ ନୃତ୍ୟ, ସମ୍ବଲପୁରୀ ଲୋକ ନୃତ୍ୟ, ଭଜନ ନୃତ୍ୟ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା।

ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ସଭା ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ




କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ବରିଷ୍ଠ ସେବାୟତ ଭଗବାନ ସୁଆର, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ଗୁରୁ ଦୁର୍ଗାଚରଣ ରଣବୀର୍, ନୃତ୍ୟାୟନର ଉପଦେଷ୍ଟା ଗୁରୁମା ଆରତୀ ରଣବୀର୍, ସମାଜସେବୀ ଦେବିପ୍ରସାଦ କର, ସେବାୟତ ରବିନାରାୟଣ ଦାଶ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ସଭାପତି ଚକ୍ରଧର ମହାପାତ୍ର, ପ୍ରତିଷ୍ଠାତା ଗୁରୁ ଧବଳେଶ୍ୱର ମିଶ୍ର, ଉପାଧ୍ୟକ୍ଷ ଲୋକନାଥ ମିଶ୍ର, ମୁଖ୍ୟ ଉପଦେଷ୍ଟା ଶୁକଦେବ ମହାନ୍ତି, ସାଂସ୍କୃତିକ ସଙ୍ଗଠକ ଧୀରେନ୍ଦ୍ର ନାଥ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଅବସରରେ ଗୁରୁ ଧବଳେଶ୍ୱର ମିଶ୍ର ତାଳମାଧୂର୍ଯ୍ୟ ସମ୍ମାନ ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ରବିନାରାୟଣ ପଣ୍ଡା ଓ ବିଶିଷ୍ଟ ସମାଜସେବୀ ସତ୍ୟବାଦୀ ଦାଶ, ଗୁରୁମା ସୁଷମା ସଙ୍ଗୀତ ସୁଧା ସ୍ମୃତି ସମ୍ମାନ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ଗୁରୁ ଅଚ୍ୟୁତ ମହାରଣା, ଲକ୍ଷ୍ମୀପ୍ରିୟା ମିଶ୍ର ନୃତ୍ୟ ପ୍ରତିଭା ସମ୍ମାନ ଓଡ଼ିଶୀ ନୃତ୍ୟ ଗୁରୁ କୁମାର ଭୀମସେନଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମସ୍ତ ଅତିଥି ଏବଂ ଅନୁଷ୍ଠାନର ଗୁରୁ, ନୃତ୍ୟଶିଳ୍ପୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ତଥା ବିଶିଷ୍ଟ ମର୍ଦ୍ଦଳ ଗୁରୁ ଜଗନ୍ନାଥ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉଦ୍‌ଘୋଷକ ବିଶ୍ୱଜିତ୍ ବଳିୟାର ସିଂ, କୋଷାଧ୍ୟକ୍ଷ ଶାରଦା ପ୍ରସନ୍ନ ମିଶ୍ର, ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ସମେତ ସମସ୍ତ ସଭ୍ୟସଭ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ରାଜ୍ୟସ୍ତରୀୟ ଥ୍ରୋ ବଲ୍ ଚାମ୍ପିଅନସିପ୍ ଉଦ୍‌ଯାପିତ

# ପୁରୀକୁ ଦ୍ୱି' ମୁକୁଟ




ପୁରୀ,୮।୧୨(ସମିସ)

ଓଡ଼ିଶା ଥ୍ରୋ ବଲ୍ ଆସୋସିଏସନ ପକ୍ଷରୁ ସ୍ଥାନୀୟ ଝାଡେଶ୍ୱରୀ କ୍ଲବ ପରିସରରେ ଚାଲିଥିବା ତିନିଦିନିଆ ୩୨ତମ ରାଜ୍ୟସ୍ତରୀୟ ଥ୍ରୋ ବଲ୍ ଚାମ୍ପିଅନସିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ବାଳକ ବିଭାଗରେ ପୁରୀ ଜିଲ୍ଲା ଓ ଖୋର୍ଦ୍ଧା ଜଟଣୀ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପୁରୀ ଚାମ୍ପିଅନ ହୋଇଥିବା ବେଳେ ଯାଜପୁର ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ବାଳିକା ବିଭାଗରେ ପୁରୀ ଓ ଢେଙ୍କାନାଳ ଜିଲ୍ଲା ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ପୁରୀ ୧୫-୮ ପଏଣ୍ଟରେ ଢେଙ୍କାନାଳକୁ ହରାଇ ଚାମ୍ପିଅନ ହୋଇଛି। ସେହିପରି ପୁରୀ ରୁରାଲ ଯାଜପୁର ଜିଲ୍ଲାକୁ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି। ଏଥିରେ ଭାଗ ନେଇଥିବା ୫୦୦ ପ୍ରତିଯୋଗୀଙ୍କ ମଧ୍ୟରୁ ଆଗାମୀ ଫେବୃଆରୀ ମାସରେ ହେବାକୁ ଯାଉଥିବା ୪୬ତମ ଜାତୀୟ ଥ୍ରୋ ବଲ୍ ଚାମ୍ପିୟନସିପ୍‌ରେ ୨୮ ଜଣିଆ ଦଳ ସାମିଲ ହେବା ପାଇଁ ୬୦ ଜଣଙ୍କୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ଏହି ୬୦ ଜଣଙ୍କୁ ନେଇ ପୁରୀରେ ମ୍ୟାଚ୍ ଉପରେ ଏକ କ୍ୟାମ୍ପ ଆୟୋଜନ କରାଯିବ। ତେବେ ଏହି ପ୍ରତିଯୋଗିତାର ବିଜେତାଙ୍କୁ ଟ୍ରଫି, ପ୍ରମାଣପତ୍ର ଓ ଅର୍ଥ ରାଶି ପୁରସ୍କାର ଦିଆଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, କ୍ରୀଡ଼ା ନିର୍ଦ୍ଦେଶକ ହରେଶ ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡ଼ିଶା ଥ୍ରୋ ବଲ୍ ସମ୍ପାଦକ ଜିତେନ୍ଦ୍ର ନାଥ ଦାସ, ଉପସଭାପତି ମଧୁସୂଦନ ମିଶ୍ର, ମଞ୍ଜୁଲତା ବରାଳ, ପୁରୀ ଜିଲ୍ଲା ସଭାପତି ମନୋଜ କୁମାର ବିଶୋଇ, ସମ୍ପାଦକ ଦୀପ୍ତିରଞ୍ଜନ ସାମନ୍ତରାୟ, କ୍ରୀଡା ସଙ୍ଗଠକ କୃଷ୍ଣଚନ୍ଦ୍ର ପଣ୍ଡା, କ୍ରୀଡା ସମୀକ୍ଷକ କୃଷ୍ଣଚନ୍ଦ୍ର ଦାସ, ଝାଡେଶ୍ୱରୀ କ୍ଲବ ସମ୍ପାଦକ ପାର୍ଥସାରଥି ମହାପାତ୍ର ଓ ସିତେନ୍ଦ୍ର ନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ।

ତିନିଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାର ଅଫିସିଆଲ୍ ଭାବେ ଜାତୀୟ ରେଫରୀ ଯଶୋବନ୍ତ ପରମଗୁରୁ, ଏସ୍. କେ. ରେହ୍ମନ, ଚିରଞ୍ଜିବୀ ମହାନ୍ତି, କଳ୍ପନା ମହାରଣା, ଏସ୍ ଜଗା ରେଡ୍ଡୀଙ୍କ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ପୁରୀ ଜିଲ୍ଲା ମହିଳା ଦଳର କୋଚ୍ ସୁଧାସିନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଯାଞ୍ଚ ହେଉନି ଖାଦ୍ୟର ମାନ

# ସ୍ୱାସ୍ଥ୍ୟ ଚିନ୍ତାରେ ଭକ୍ତ, ପର୍ଯ୍ୟଟକ

ପୁରୀ,୮।୧୨(ସମିସ): ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ ସହର। ହେଲେ ଦୁଃଖର ବିଷୟ ଏଠାରେ ଖାଦ୍ୟର ମାନ ଠିକ୍ ଭାବେ ଯାଞ୍ଚ କରାଯାଉ ନାହିଁ। ଫଳରେ ଅସ୍ୱାସ୍ଥ୍ୟକର ପରିବେଶରେ ନିମ୍ନମାନର ଖାଦ୍ୟ ଖାଉଛନ୍ତି ଭକ୍ତ, ପର୍ଯ୍ୟଟକ ଏବଂ ସହରବାସୀ। ଏମିତି ସ୍ଥିତି ଏବେ ପୁରୀ ସହରରେ ଦେଖିବାକୁ ମିଳୁଛି। କେବଳ ରଥଯାତ୍ରା ଆସିଲେ ଶୀତତାପ ନିୟନ୍ତ୍ରିତ କୋଠରି ମଧ୍ୟରେ ଖାଦ୍ୟର ମାନ ଯାଞ୍ଚକୁ ନେଇ ତମ୍ବିତୋଫାନ ସୃଷ୍ଟି ହୁଏ। ଖାଦ୍ୟର ମାନକୁ ନେଇ ବଡ଼ ବଡ଼ ଅଭିଯୋଗ ଶୁଣିବାକୁ ମିଳୁଥିବା ବେଳେ ଅଧିକାରୀ ସବୁ କରିଦେବେ ବୋଲି କହି ଚୁପ୍ ହୋଇଯାଉଛନ୍ତି। ପୁଣି ବର୍ଷ ଗୋଟାଏକୁ ଅପେକ୍ଷା। ମଝିରେ କାଁ ଭାଁ କେବେ କେମିତି ରାସ୍ତାପାଖର୍ ଜଳଖିଆ ଦୋକନରେ ଚଢାଉ କରି ଫଟୋ ଉଠାଇ ଦେଲେ କଥା ସରିଲା। ପୁରୀରେ ନିୟମିତ ଖାଦ୍ୟର ମାନ ଯାଞ୍ଚ କରାଯାଉ ନ ଥିବା ଅନେକ ସମୟରେ ସଚେତନ ନାଗରିକ କହୁଥିଲେ ହେଁ ଶୁଣୁଛି ବା କିଏ? ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ ସହର। ଯେଉଁଥିପାଇଁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏହାକୁ ନଜରରେ ରଖି ଏଠାରେ ହଜାର ହଜାର ସଂଖ୍ୟାରେ ହୋଟେଲ, ରେଷ୍ଟୁରାଣ୍ଟ, ହଲିଡେ ହୋମ୍ ସମେତ ରାସ୍ତାପାଖର୍ ବହୁ ଛୋଟ ହୋଟେଲ ବି ଗଢିଉଠିଛି। ସେହିପରି ଜଳଖିଆ ଦୋକାନୀଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ। ଗରମ ଗରମ ଇଡଲି, ପୁରୀ, ଉପମା, ଚାଟ୍, ସିଙ୍ଗଡା, ବରା, ଆଳୁଚପ୍ ଏମିତି କେତେ କଣ? ପାଟିକୁ ସୁଆଦିଆ... ହେଲେ ଏଗୁଡିକୁ ଖାଇବା ପୂର୍ବରୁ କେବେ ଭାବିଛନ୍ତି ଏ ସବୁ କେତେ ସ୍ୱାସ୍ଥ୍ୟକର? ରାସ୍ତାକଡ, ଗଳି କନ୍ଦିରେ ଏଭଳି ଶହ ଶହ ଫାଷ୍ଟଫୁଡ୍ ପସରା ମେଲିଛି। ଖୋଲାରେ ବିକ୍ରି ହେଉଛି ଏହିସବୁ ଖାଦ୍ୟ। ବଡ଼ଦାଣ୍ଡ ହେଉ ଅବା ସମୁଦ୍ରକୂଳ ସବୁଠି ଅଧିକାଂଶ ସମୟରେ ଅପମିଶ୍ରିତ ଖାଦ୍ୟ ଖାଉଛନ୍ତି ସହରବାସୀଙ୍କଠାରୁ ଆରମ୍ଭ କରି ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ। ସମୁଦ୍ରକୂଳରେ ରଙ୍ଗଦିଆ ଖାଦ୍ୟ ବିକ୍ରି କରାଯାଉଛି। ଅନେକ ସମୟରେ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ବାସି ଖାଦ୍ୟ ପରଷା ଯାଉଛି। ବଳକା ଖାଦ୍ୟକୁ ଫ୍ରିଜ, ରେଫ୍ରିଜରେଟରରେ ଦୀର୍ଘଦିନ ରଖି ପର୍ଯ୍ୟଟକଙ୍କୁ ଖାଇବାକୁ ଦେଉଥିବା ନଜିର ରହିଛି। ଏପରି କି ଏହି ଘଟଣାରେ ଜରିମାନା ବି ଆଦାୟ କରାଯାଇଛି।

ସେହିପରି ଭକ୍ତ, ପର୍ଯ୍ୟଟକଙ୍କ ଆଗମନ ବଢୁଥିବାରୁ ପୁରୀ ସହରରେ ବହୁ ସଂଖ୍ୟାରେ ଫାଷ୍ଟଫୁଡ୍ ଦୋକାନ ଖୋଲିଛି। ଅଧିକାଂଶ ଜାଗାରେ ନିମ୍ନମାନର ଖାଦ୍ୟ, ଭେଜାଲ ସାମଗ୍ରୀ, ଶସ୍ତା ରଙ୍ଗ, ତେଲ, ଟମାଟୋ ଓ ଚିଲି ସସ୍‌ର ବ୍ୟବହାର ହେଉଛି। ଏହାଦ୍ୱାରା ନାନା ସ୍ୱାସ୍ଥ୍ୟଗତ ସମସ୍ୟା ଭୋଗୁଛନ୍ତି ଗ୍ରାହକ। ପେଟରୋଗ ଠାରୁ ହୃଦରୋଗ ଏପରିକି କ୍ୟାନସର୍ ଭଳି ମାରାତ୍ମକ ରୋଗକୁ ଡାକି ଆଣୁଛି ଏସବୁ ଖାଦ୍ୟ। ଏହାର ଗୋଟିଏ ସମାଧାନ ହେଉଛି ନିୟମିତ ଚଢଉ ହେବା ଦରକାର। ଚଢଉ ହେଲେ ବ୍ୟବସାୟୀମାନେ ଅସ୍ୱାସ୍ଥ୍ୟକର ପରିବେଶରେ ଏବଂ ନିମ୍ନମାନର ଖାଦ୍ୟ ବିକ୍ରି କରିବାକୁ ଭୟ କରିବେ। କିନ୍ତୁ ପୁରୀରେ ସେଭଳି ଧରପଗଡ଼ ହେଉ ନାହିଁ। ଫଳରେ ଖାଦ୍ୟ ନାଁରେ ଲୋକଙ୍କୁ ଏକପ୍ରକାର ଜହର ପରଷା ଯାଉଛି ବୋଲି କହିଛନ୍ତି ବୁଦ୍ଧିଜୀବୀ ପ୍ରଶାନ୍ତ ଜେନା। ତାଙ୍କ ଅଭିଯୋଗ ଅନୁଯାୟୀ, ଗତ ରବିବାର ସପରିବାର ବେଳାଭୂମିକୁ ଯାଇଥିଲେ। ପିଲାମାନେ ଖାଇବାକୁ ଚାହିଁବାରୁ ନିକଟସ୍ଥ ଏକ ଫାଷ୍ଟଫୁଡ୍ ଦୋକାନକୁ ଯାଇଥିଲେ। ମାତ୍ର ସେଠାରେ ଯେଉଁଭଳି ଖାଦ୍ୟରେ ରଙ୍ଗ ମିଶାଯାଉଥିଲା ତାହାକୁ ଦେଖି ସେ ଫେରି ଆସିଥିଲେ। କେବଳ ସେହି ଗୋଟିଏ ନୁହେଁ, ବେଳାଭୂମି ଏବଂ ଏହା ସଂଲଗ୍ନ ସବୁ ଫାଷ୍ଟଫୁଡ ଦୋକାନରେ ଏହିଭଳି ଖାଦ୍ୟ ପରଷା ଯାଉଛି। ଏପରି କି ବିଭିନ୍ନ ସମୟରେ ଖରାପ ହୋଇଯାଇଥିବା ମାଛକୁ ମସଲାରେ ଗୋଳି ଏହାକୁ ଛାଡି ପର୍ଯ୍ୟଟକଙ୍କୁ ଖାଇବାକୁ ଦେଉଥିବା ଅଭିଯୋଗ ହେଉଛି। ପ୍ରତିଦିନ ଏମିତି ଶହ ଶହ ଭକ୍ତ, ପର୍ଯ୍ୟଟକ ଏପରି କି ସ୍ଥାନୀୟ ଲୋକେ ମଧ୍ୟ ଏହାକୁ ଦେଖୁଛନ୍ତି। କିନ୍ତୁ ଏଥିରେ ଅଙ୍କୁଶ ଲାଗିପାରୁ ନାହିଁ।

# ବର୍ଷକରେ ଚାଷୀଙ୍କ ମୁଣ୍ଡପିଛା ଋଣ ବଢ଼ିଲା ୪୬୮୫ ଟଙ୍କା

**ଭୁବନେଶ୍ୱର,୮ ।୧୨(ସମିସ) :** ଓଡ଼ିଶା ଚାଷୀଙ୍କ ମୁଣ୍ଡପିଛା ଋଣ ବର୍ଷକରେ ବଢ଼ିଛି ୪୬୮୫ ଟଙ୍କା। ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କ ଏକ ପ୍ରଶ୍ନରେ ଏହି ତଥ୍ୟ ଦେଇଛନ୍ତି କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର। ସେ କହିଛନ୍ତି ଯେ ୨୦୨୩ ବର୍ଷରେ ଓଡ଼ିଶାରେ ଚାଷୀଙ୍କ ମୁଣ୍ଡ ପିଛା ଋଣ ୬୮୨୧୦ ଟଙ୍କା ଥିଲା, ମାତ୍ର ୨୦୨୪ରେ ଏହା ବୃଦ୍ଧି ପାଇ ୭୨୮୯୫ ଟଙ୍କାରେ ପହଞ୍ଚିଛି । ସେହିପରି କୃଷି ଋଣ ବକେୟା ମଧ୍ୟ ଗତ ୫ ବର୍ଷ ମଧ୍ୟରେ ବଢ଼ି ବଢ଼ି ଚାଲିଛି। କୃଷି ଋଣ ବକେୟା ପରିମାଣ ୨୦୧୯-୨୦ ଆର୍ଥିକବର୍ଷରେ ୩୮,୯୬,୫୨୦ ଲକ୍ଷ ଟଙ୍କା ଥିଲା ବେଳେ ୨୦୨୦-୨୧ରେଏହା ୪୦,୪୨,୨୬୨ ରହିଥିଲା। ସେହିପରି ୨୦୨୧-୨୨ କୃଷି ଋଣ ବକେୟା ପରିମାଣ ୫୦,୮୭,୫୭୭ ରହିଥିଲା ବେଳେ ୨୦୨୩-୨୪ ଆର୍ଥିକବର୍ଷରେ ୭୯,୦୨,୫୭୯ ଲକ୍ଷ ଟଙ୍କା ହୋଇଛି ବୋଲି ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନରେ ସୂଚନା ଦେଇଛନ୍ତି କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ।

## ଓଡ଼ିଶାରେ ହେବ ନାହିଁ କ୍ରୀଡ଼ା ଉତ୍କର୍ଷ କେନ୍ଦ୍ର

**ଭୁବନେଶ୍ୱର,୮ ।୧୨(ସମିସ) :** କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ନିଜର ପ୍ରଦର୍ଶନ ପାଇଁ ପ୍ରଶଂସିତ ହୋଇଛି । ଭାରତୀୟ ପୁରୁଷ ଓ ମହିଳା ହକି ଦଳକୁ ଓଡ଼ିଶାର ପୃଷ୍ଠପୋଷକତା ଦେଶକୁ ଅଲିମ୍ପିକ୍ସରେ ଗୌରବାନ୍ୱିତ କରିଛି। ମାତ୍ର ଓଡ଼ିଶାରେ କ୍ରୀଡ଼ା ଉତ୍କର୍ଷ କେନ୍ଦ୍ର ସ୍ଥାପନ ନେଇ କେନ୍ଦ୍ର ସରକାର ଆଦୌ ଆଗ୍ରହୀ ନୁହନ୍ତି। ଏପରିକି କ୍ରୀଡ଼ା ଉତ୍କର୍ଷ କେନ୍ଦ୍ର ସ୍ଥାପନ ପ୍ରସ୍ତାବ ମଧ୍ୟ ସରକାରଙ୍କ ବିଚାରାଧୀନ ନାହିଁ। ସାଂସଦ ସସ୍ମିତ ପାତ୍ର ଓ ସୁଲତା ଦେଓଙ୍କ ପ୍ରଶ୍ନର ଉତ୍ତରରେ ଏହି ତଥ୍ୟ ରଖିଛନ୍ତି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭୀୟ। ସେ କହିଛନ୍ତି ଯେ କ୍ରୀଡ଼ା ବିକାଶ ରାଜ୍ୟ ସରକାରଙ୍କ ପରିସରଭୁକ୍ତ । ଏହା ସତ୍ତ୍ୱେ କେନ୍ଦ୍ର ସରକାର ଖେଲୋ ଇଣ୍ଡିଆ ଅଧୀନରେ କ୍ରୀଡ଼ା କମ୍ପ୍ଲେକ୍ସ, ସିନ୍ଥେଟିକ୍ ଟ୍ରାକ୍, ସିନ୍ଥେଟିକ୍ ହକି ପଡ଼ିଆ, ଫୁଟ୍‌ବଲ୍ ପାଇଁ ସିନ୍ଥେଟିକ୍ ଗ୍ରାଉଣ୍ଡ, ବିଭିନ୍ନ କାର୍ଯ୍ୟରେ ବ୍ୟବହୃତ ହଲ୍, ସ୍ୱିମିଙ୍ଗ୍ ପୁଲ୍ ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ସମଗ୍ର ଶିକ୍ଷା ଯୋଜନା ମାଧ୍ୟମରେ ଶିକ୍ଷା ମନ୍ତ୍ରଣାଳୟ ରାଜ୍ୟ ଗୁଡ଼ିକ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଅନ୍ୟ ରାଜ୍ୟ ସହ ଓଡ଼ିଶାରେ ମଧ୍ୟ ଏହା କାର୍ଯ୍ୟକାରୀ ହେଉଛି। ମାତ୍ର ରାଜ୍ୟରେ କ୍ରୀଡ଼ା ବିକାଶ ପାଇଁ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ କ୍ରୀଡ଼ା ଉତ୍କର୍ଷ କେନ୍ଦ୍ର ସ୍ଥାପନ ନେଇ କୌଣସି ବିଚାର କରାଯାଇ ନାହିଁ ବୋଲି ଶ୍ରୀ ମାଣ୍ଡଭୀୟ କହିଛନ୍ତି ।

■ ଓଡ଼ିଶା ପ୍ରତି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀର ବଇରୀ ଭାବ

## ପ୍ରତିବର୍ଷ କମି ଚାଲିଛି ସିଏସ୍ଆର୍ ପାଣ୍ଠି

**ଭୁବନେଶ୍ୱର,୮।୧୨(ସମିସ):** ରାଷ୍ଟ୍ରାୟତ୍ତ ତୈଳ ଓ ପ୍ରାକୃତିକ ଗ୍ୟାସ କମ୍ପାନୀଗୁଡ଼ିକ ପ୍ରତିବର୍ଷ ବିପୁଳ ମୁନାଫା ଉଠାଉଛନ୍ତି। ମାତ୍ର ଯେଉଁ ତୁଳନାରେ ସେମାନେ ଲାଭ କରୁଛନ୍ତି, ସେହି ଅନୁପାତରେ ସେମାନେ ନିଜର ଦାୟିତ୍ୱ ତୁଲାଉ ନାହାନ୍ତି। କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ଅନୁପାଳନ କରିବାରେ ତୈଳ କମ୍ପାନୀଗୁଡ଼ିକ ଓଡ଼ିଶା ପ୍ରତି ବଇରୀ ମନୋଭାବ ପୋଷଣ କରୁଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକରେ ତୈଳ କମ୍ପାନୀଗୁଡ଼ିକୁ ସିଏସ୍ଆର୍ ବାବଦରେ ବିପୁଳ ଅର୍ଥ ଖର୍ଚ୍ଚ କରୁଥିବାବେଳେ ଓଡ଼ିଶାରେ ବର୍ଷକୁ ବର୍ଷ ଏହି ଅର୍ଥରାଶି କମିକମି ଚାଲିଛି। ରାଜ୍ୟସଭାରେ ବିଜେଡି ସାଂସଦ ସୁଲତା ଦେଓଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ସୁରେଶ ଗୋପୀ ରଖିଥିବା ତଥ୍ୟରୁ ଓଡ଼ିଶା ପ୍ରତି ତୈଳ କଂପାନୀଗୁଡ଼ିକର ବୈମାତୃକ ମନୋଭାବର ଚିତ୍ର ସ୍ପଷ୍ଟ ହୋଇଛି।

କେନ୍ଦ୍ରମନ୍ତ୍ରୀ ସଂସଦରେ ପ୍ରଦାନ କରିଥିବା ତଥ୍ୟ ଅନୁସାରେ, କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ୯ଟି ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ କମ୍ପାନୀ ଓଡ଼ିଶାରେ ତାଙ୍କର ସିଏସ୍ଆର୍ ପାଣ୍ଠି ଖର୍ଚ୍ଚକୁ କ୍ରମାଗତ ହ୍ରାସ କରି ଚାଲିଥିବା ଜଣାପଡ଼ିଛି। ଆଇଓସିଏଲ୍, ଓଏନ୍‌ଜିସି, ଏଚ୍‌ପିସିଏଲ୍, ବିପିସିଏଲ୍, ଗେଲ୍, ଇଆଇଏଲ୍, ବିଏଲ୍, ଏନ୍ଆର୍ଏଲ୍, ଓଆଇଏଲ୍ ପ୍ରଭୃତି କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ କମ୍ପାନୀ ୨୦୧୯-୨୦ ଆର୍ଥିକବର୍ଷରେ ଓଡ଼ିଶାରେ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ବାବଦରେ ୩୫୦୦୩. ୫୧ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ମାତ୍ର ଏହାପରେ ପ୍ରତିବର୍ଷ ଏ ବାବଦ ଅର୍ଥ ହ୍ରାସ ପାଇ ଚାଲିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଏହା ୯୧୬୬.୧୩ଲକ୍ଷ ଟଙ୍କାକୁ ହ୍ରାସ ପାଇଥିବାବେଳେ ୨୦୨୧-୨୨ ଆର୍ଥିକବର୍ଷରେ ସାମାନ୍ୟ ବୃଦ୍ଧି ପାଇ ୧୧୪୪୩.୯୭ ଲକ୍ଷରେ ପହଞ୍ଚିଥିଲା। ମାତ୍ର ପରବର୍ତ୍ତୀ ଦୁଇ ବର୍ଷ ଏହା ଆହୁରି କମିକମି ଆସିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ବ୍ୟୟ ୩୯୮୦.୮୨ ଲକ୍ଷକୁ ହ୍ରାସ ପାଇଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୩୪୫୮.୩୧ ଲକ୍ଷକୁ କମାଇ ଦିଆଯାଇଛି। ସିଏସ୍ଆର୍ ପାଣ୍ଠିରେ କମ୍ପାନୀଗୁଡ଼ିକ ବଞ୍ଚିତ ପିଲାଙ୍କ ପାଠପଢ଼ା, ସ୍କୁଲର ଉନ୍ନତି, ଉତ୍ତମ ସ୍ୱାସ୍ଥ୍ୟ ସେବା, ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରସ୍ତୁତି, ସ୍ୱଚ୍ଛତା ମିଶନ, ଗୋଷ୍ଠୀ କେନ୍ଦ୍ର ଏବଂ ଦକ୍ଷତା ବିକାଶ ଭଳି କାର୍ଯ୍ୟକ୍ରମରେ ବିନିଯୋଗ କରାଯାଇଥାଏ। ମାତ୍ର ଓଡ଼ିଶା ପ୍ରତି ତୈଳ କମ୍ପାନୀଗୁଡ଼ିକ ଉଦାସୀନ ମନୋଭାବ ପୋଷଣ କରିବା ସହ ଏ ବାବଦ ଅର୍ଥ ପ୍ରତିବର୍ଷ କମାଇ ଚାଲିବା ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଓଏଭି, ଟିଜିଟି ଶିକ୍ଷକଙ୍କୁ ନିଯୁକ୍ତି ଦେଉନାହାନ୍ତି ସରକାର

**ଭୁବନେଶ୍ୱର,୮ ।୧୨(ସମିସ):** ନିଯୁକ୍ତି ପାଇଁ ପରୀକ୍ଷା ସରିଛି। ଫଳ ପ୍ରକାଶ ପାଇବା ସହ ସାକ୍ଷାତକାର ଓ ଚୂଡ଼ାନ୍ତ ଫଳ ବି ପ୍ରକାଶ ପାଇଛି। ଏହାକୁ ୨ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ଏଯାଏଁ ନିଯୁକ୍ତି ଦେଉନାହାନ୍ତି ସରକାର। କେବେ ସରକାର ନିଯୁକ୍ତି ଦେବେ, ସେନେଇ ମଧ୍ୟ କୌଣସି ସ୍ପଷ୍ଟ ବିଜ୍ଞପ୍ତି ପ୍ରକାଶ କରାଯାଉ ନଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ସୂଚନା ଅନୁଯାୟୀ, ରାଜ୍ୟ ପ୍ରବରଣ ମଣ୍ଡଳ (ଏସ୍ଏସ୍‌ବି) ପକ୍ଷରୁ ୨୦୬୪ଟି ଟିଜିଟି ଶିକ୍ଷକ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅକ୍ଟୋବର ପ୍ରଥମ ସପ୍ତାହରେ ଏହାର ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ସରିବା ସହ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇସାରିଛି। ଏସ୍ଏସ୍‌ବି ପକ୍ଷରୁ ମେଧା ତାଲିକା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପ୍ରଦାନ କରାଯାଇଛି। ହେଲେ ନିଯୁକ୍ତି ପ୍ରକ୍ରିୟା ସରିବାର ଦୁଇ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ଗଣଶିକ୍ଷା ବିଭାଗ ନିଯୁକ୍ତି ଦେଇପାରିନି। ଅନୁରୂପ ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୧୩୪୨ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିଥିଲା। ଅକ୍ଟୋବର ୯ ତାରିଖରୁ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇଛି। ଏହାକୁ ଦୁଇମାସ ଅତିକ୍ରମ କରିଥିଲେ ମଧ୍ୟ କୃତୀ ପରୀକ୍ଷାର୍ଥୀମାନେ ନିଯୁକ୍ତି ପାଇ ପାରିନାହାନ୍ତି। ଅପରପକ୍ଷେ, ନିଯୁକ୍ତି ପାଇଁ ଚୟନ ହୋଇଥିବା ପରୀକ୍ଷାର୍ଥୀମାନେ ଅଫିସରୁ

■ ୨ ମାସ ହେଲା ଗଡ଼ାଉଛି ଗଣଶିକ୍ଷା ବିଭାଗ
■ ଅଫିସ୍‌ରୁ ଅଫିସ୍ ଦଉଡ଼ି ମେଧାବୀ ନିରାଶ
■ ପୂର୍ବରୁ ଚୂଡ଼ାନ୍ତ ତାଲିକା ପ୍ରକାଶ ହେବାର ୧୦ ଦିନ ମଧ୍ୟରେ ମିଳୁଥିଲା ନିଯୁକ୍ତି

ଅଫିସ୍ ଦଉଡ଼ି ତ୍ୱରିତ ନିଯୁକ୍ତି ପାଇଁ ଦାବି କରୁଛନ୍ତି। ହେଲେ କେବଳ ପ୍ରତିଶ୍ରୁତି ବ୍ୟତୀତ ସେମାନଙ୍କୁ କିଛି ମିଳୁନି। ମନ୍ତ୍ରୀଙ୍କଠାରୁ ସଚିବ ପର୍ଯ୍ୟନ୍ତ କେହି ମୁହଁ ଖୋଲୁନାହାନ୍ତି।

ଗତ ୨୨ ତାରିଖରେ ଯୋଗ୍ୟ ମେଧାବୀମାନେ ଓଏଭି କାର୍ଯ୍ୟାଳୟକୁ ଯାଇ କେବେ ନିଯୁକ୍ତି ଦିଆଯିବ ବୋଲି ପଚାରିବା ସହ ଧାରଣା ଦେଇଥିଲେ। ସେମାନଙ୍କ କହିବା ଅନୁଯାୟୀ, ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶିକା ସେମାନଙ୍କ ସହ ଆଲୋଚନା କରି ଗଣଶିକ୍ଷା ବିଭାଗ ଏବଂ ଓସେପାକୁ ନିଯୁକ୍ତି ଦେବା ପାଇଁ ଅବଗତ କରାଯାଇଥିବା କହିଥିଲେ। ପୂର୍ବ ସରକାର ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇବାର ୧୦ଦିନ ମଧ୍ୟରେ ନିଯୁକ୍ତି ଦେଉଥିବା ବେଳେ ଏବେ କାହିଁକି ବିଳମ୍ବ କରାଯାଉଛି ବୋଲି ପ୍ରଶ୍ନ କରିବାରୁ ବିଭାଗ ନିଷ୍ପତ୍ତି ନେବ ବୋଲି କହି ଏଡ଼ାଇ ଯାଇଥିଲେ। ଓଏଭିରୁ ନିରାଶ ହେବା ପରେ ଗତ ୨ ତାରିଖରେ ସେମାନେ ଓସେପା ପ୍ରକଳ୍ପ ନିର୍ଦ୍ଦେଶିକାଙ୍କୁ ଅଭିଯୋଗ କରିଥିଲେ। ଓଏଭି ସହ ଆଲୋଚନା କରି ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ କହିଥିଲେ ମଧ୍ୟ କଥାରେ ଦମ୍ଭ ନଥିବା ମନେକରି ବିଭାଗୀୟ ସଚିବଙ୍କୁ ଅଭିଯୋଗ ଦାଖଲ କରି ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟିଥିଲେ। ତେବେ ମନ୍ତ୍ରୀ ବିଧାନସଭା ସରିଲେ ଦେଖିବା କହିବାରୁ, କେବେ ନିଯୁକ୍ତି ମିଳିବ ସେନେଇ ସେମାନେ ସନ୍ଦିହାନ ଅଛନ୍ତି। ଚଳିତ ବର୍ଷ ନିଯୁକ୍ତି ଦିଆନଗଲେ, ଆଗକୁ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚୟନ ହୋଇଥିବା ପରୀକ୍ଷାର୍ଥୀମାନେ ଚେତାବନୀ ଦେଇଛନ୍ତି।

# ୧୬ରୁ ରତ୍ନଭଣ୍ଡାର ମରାମତି!

**ପୁରୀ/ଖୋର୍ଦ୍ଧା, ୮।୧୨ (ସମିସ):** ଆସନ୍ତା ୧୬ ତାରିଖରୁ ରତ୍ନଭଣ୍ଡାର ମରାମତି ପାଇଁ ଆପାତତଃ ଦିନ ଧାର୍ଯ୍ୟ କରିଛି ଏଏସ୍ଆଇ। କିନ୍ତୁ ନୀତି ସବ୍-କମିଟି ଓ ଛତିଶା ନିଯୋଗ ବୈଠକ ବସି କେଉଁ ସମୟରେ ମରାମତି କରାଯିବ, ତାହା ଧାର୍ଯ୍ୟ ହେବା ପରେ କାମ ଆରମ୍ଭ ହେବ ବୋଲି କହିଛନ୍ତି ଏଏସ୍ଆଇ ଅଧୀକ୍ଷକ ଡି.ବି. ଗଡ଼ନାୟକ। ସେ କହିଛନ୍ତି, ରତ୍ନଭଣ୍ଡାର ମରାମତି ପାଇଁ ଏଏସ୍ଆଇକୁ ପ୍ରତିଦିନ ସର୍ବନିମ୍ନ ୫ରୁ ୬ଘଣ୍ଟା ଆବଶ୍ୟକ। ପ୍ରଥମେ ଭିତର ରତ୍ନଭଣ୍ଡାରର ମରାମତି କରାଯିବ। ପରେ ବାହାର ରତ୍ନଭଣ୍ଡାରର ମରାମତି କରାଯିବ। ଆବଶ୍ୟକ ସ୍ଥଳେ ପଥରଗୁଡ଼ିକୁ ବଦଳାଯିବ।

**ଜାନୁଆରୀ ୩୧ ସୁଦ୍ଧା ଗଣତିମଣତି ସାରିବାକୁ ଲକ୍ଷ୍ୟ: ମନ୍ତ୍ରୀ**

ଡିପ୍ଲାଷ୍ଟର କଲା ପରେ କେତେ କାମ ଆବଶ୍ୟକ ଓ କ’ଣ କ’ଣ ଆବଶ୍ୟକ ହେବ, ତାହା ସ୍ପଷ୍ଟ ହେବ। ବର୍ତ୍ତମାନଠାରୁ କେତେ ଦିନରେ କାମ ସରିବ, ତାହା କହି ହେବନି। ଅନ୍ୟପକ୍ଷରେ ଜାନୁଆରୀ ୩୧ ସୁଦ୍ଧା ରତ୍ନଭଣ୍ଡାର ମରାମତି ସହ ଅଳଙ୍କାର ଗଣତିମଣତି ହେବ। ଆଗେ ଭଣ୍ଡାର ଗୃହ ମରାମତି କାମ ସରିଲେ ଅସ୍ଥାୟୀ ରତ୍ନଭଣ୍ଡାରରୁ ଅଳଙ୍କାର ତା’ ଭିତରକୁ ଯିବ। ତା’ ପରେ ଗଣତି ମଣତି କରାଯିବ ବୋଲି ଖୋର୍ଦ୍ଧା ହାବେଳି ପଡ଼ିଆଠାରେ ରବିବାର ଜିଲ୍ଲାସ୍ତରୀୟ ଚାଷୀ ଇନ୍‌ପୁଟ ସହାୟତା ସମାବେଶରେ ଯୋଗଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

# ଘଉଡ଼ାଇବା ବେଳେ ୨ଜଣଙ୍କୁ ଦଳିଦେଲା ଦନ୍ତା

**ରାଉରକେଲା/ଯୁଯୁମୁରା, ୮ ।୧୨(ସମିସ):** ରାଜ୍ୟରେ ଆଜି ପୃଥକ୍ ସ୍ଥାନରେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଛି। ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ୍‌ରେ ଜଣେ ଓ ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ଚିତାପେଢ଼ି ଅଞ୍ଚଳରେ ଜଣେ ଏହି ଅଘଟଣରେ ପ୍ରାଣ ହରାଇଛନ୍ତି। ଯୁଯୁମୁରା ବ୍ଲକ ଅଞ୍ଚଳରେ ପ୍ରାଣ ହରାଇଥିବା ବ୍ୟକ୍ତିଜଣଙ୍କ ହେଲେ, ଗଡ଼ଲୋଇସିଂହ ପଞ୍ଚାୟତର ମହାକୁଡ଼ପାଲିର ମାଙ୍ଗରା ମାହାନ୍ତ। ରବିବାର ଦିନ ପ୍ରାୟ ୧୧ଟାରେ ଗାଁକୁ ଏକ ଦନ୍ତା ପଶି ଆସିବାରୁ ଗ୍ରାମବାସୀଙ୍କ ସହ ମାଙ୍ଗରା ହାତୀକୁ ଘଉଡ଼ାଇବାକୁ ଯାଇଥିଲେ। ଘଉଡ଼ାଇବା ବେଳେ ହାତୀଟି ପାଲଟା ଆକ୍ରମଣ କରିବାରୁ ଗ୍ରାମବାସୀ ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲେ। କିନ୍ତୁ ମାଙ୍ଗରା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତାଟି ତାଙ୍କୁ ଶୁଣ୍ଢରେ ଟେକି ଫୋପାଡ଼ିଦେବା ସହ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କଠାରୁ ସୂଚନା ପାଇବା ପରେ ଧମା ବନବିଭାଗ ଅଧିକାରୀ ଓ ଯୁଯୁମୁରା ପୁଲିସ ଟିମ୍ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସେହିପରି ନୂଆଗାଁ ବ୍ଲକ୍ ବିଶ୍ରା ଥାନା ଅଧୀନ ଚିତାପେଢ଼ି ଅଞ୍ଚଳରେ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ଯୁବକ ହେଲେ, କୁଲାବେଡ଼ା ଗ୍ରାମ ଜାମଟୋଲି ବସ୍ତିରେ ରହୁଥିବା ବେଲାସ ଏକ୍କା(୪୮)। ସୂଚନାନୁଯାୟୀ, ବେଲାସ ଧାନ ଫସଲକୁ ଜଗିଥିଲେ। ରାତିରେ ଏକ ୨୨ ଟିକିଆ ହାତୀପଲ କୁଲବେଡ଼ା ଗ୍ରାମକୁ ପଶିଥିଲେ। ଖବର ପାଇ ଗ୍ରାମର ଲୋକେ ହାତୀ ପଲଙ୍କୁ ଘୋଉଡ଼ାଇବାକୁ ଉଦ୍ୟମ କରିବା ବେଳେ ବେଲାସ ଗୋଟିଏ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଧାନ ବିଲରେ ଶୁଣ୍ଢରେ କଚାଡ଼ି ମାରି ଦେଇଥିଲା। ଖବର ପାଇ ବିଶ୍ରା ରେଞ୍ଜର ଫରେଷ୍ଟର ପାଉଲୁସ ଓରାମ, ବିଜୟ କଲ୍ଲେର, ବନ କର୍ମଚାରୀ ସୁନୀଲ ମିଞ୍ଜ ଏବଂ ବିଶ୍ରା ଥାନା ପୁଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛନ୍ତି।

## ବୁଲୁଛି ଗୋଠଛଡ଼ା ଆହତ ଦନ୍ତା

**ରାଜଗାଙ୍ଗପୁର, ୮ ।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବନଖଣ୍ଡ ଅଞ୍ଚଳରେ ବର୍ଷସାରା ହାତୀ ଆତଙ୍କ ରହିଥାଏ। ଧାନ ଅମଳ ସମୟରେ ସନ୍ଧ୍ୟା ବେଳକୁ ଗ୍ରାମାଞ୍ଚଳର ଲୋକେ ଘରୁ ବାହାରିବାକୁ ଭୟ କରନ୍ତି। ସନ୍ଧ୍ୟା ହେବା ମାତ୍ରେ ହାତୀ ପଲ ନିକଟସ୍ଥ ଜଙ୍ଗଲରୁ ଗାଁ ମୁଣ୍ଡକୁ ଚାଲିଆସି ପାଚିଲା ଧାନ ଚାଷ ଖାଇ ନଷ୍ଟ କରିଦେଉଥିବା ଦେଖିବାକୁ ମିଳୁଛି। ରାଜ୍ୟରେ ଅନେକ ସମୟରେ ହାତୀ ଶିକାର କରି ଦାନ୍ତ ଲୁଟ୍ କରିବା ସହ କଙ୍କାଳ ଠାବ କରିବା ନଜର ରହିଛି। ଏବେ ଗୋଟିଏ ଗୋଠଛଡ଼ା ଦନ୍ତାକୁ କିଛି ଶିକାରୀ ଶୁଣ୍ଢ ଓ ଗୋଡ଼କୁ ଆକ୍ରମଣ କରିଥିବା ଦେଖିବାକୁ ମିଳିଛି। ବନ ବିଭାଗ ପକ୍ଷରୁ ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରିବାକୁ ଉଦ୍ୟମ ଜାରି ରହିଛି। ୭ ଦିନ ହେଲା ରାଜଗାଙ୍ଗପୁର ରେଞ୍ଜରେ ଏହି ଦନ୍ତା ବୁଲୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ୨ କୋଟିର ବ୍ରାଉନସୁଗର ଜବତ

■ **ବାଲେଶ୍ୱର, ୮ ।୧୨ (ସମିସ):** ବାଲେଶ୍ୱର ଅବକାରୀ ବିଭାଗ ଅରଡ଼ବଜାର ଅଞ୍ଚଳରେ ଚଢ଼ଉ କରି ୨ କେଜିର ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଏହି ଘଟଣାରେ ବ୍ରାଉନସୁଗର ବେପାରୀ ଅମଜେତ ଖାନ (୩୪)କୁ ଗିରଫ କରାଯାଇଛି। ତା’ ପାଖରୁ ୫ ହଜାର ଟଙ୍କା ସହ ଗୋଟିଏ ମୋବାଇଲ୍ ଫୋନ୍ ଜବତ ହୋଇଛି। ଅମଜେତ୍ ମଧ୍ୟପ୍ରଦେଶରୁ ଟ୍ରେନ୍‌ରେ ଏହି ବ୍ରାଉନସୁଗାର ଆଣିଥିଲା। ତେବେ ଏହି ଘଟଣାରେ ସଂପୃକ୍ତ ଅନ୍ୟତମ ଅଭିଯୁକ୍ତ ଅମଜେତର ସାନଭାଇ ସାବିର୍ ଖାନ୍ ଫେରାର୍ ହୋଇଯାଇଛି। ଅବକାରୀ ଅଧୀକ୍ଷକ ସୁଶାନ୍ତ କୁମାର ପାଢ଼ୀଙ୍କ ସୂଚନା ଅନୁସାରେ, ଅରଡ଼ବଜାର ଅଞ୍ଚଳକୁ ବହୁ ପରିମାଣର ବ୍ରାଉନସୁଗର ବାହାରୁ ଆସିଥିବା ନେଇ ଗତରାତିରେ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ତେଣୁ ବିଭାଗ ପକ୍ଷରୁ ୧୫ଜଣିଆ ଏକ ଟିମ୍ ଗଠନ କରି ରାତାରାତି ଚଢ଼ଉ କରାଯାଇଥିଲା। ସହଦେବଖୁଣ୍ଟା ପୁଲିସ୍ ସହଯୋଗରେ ରାତି ପ୍ରାୟ ୨ଟାରେ ଅରଡ଼ବଜାର ଅଞ୍ଚଳରେ ରାସ୍ତାକଡ଼ରେ ଥିବା ଏକ ତିନିମହଲା ଘରେ ଚଢ଼ଉ କରାଯାଇଥିଲା। ସେଠାରୁ ୨କେଜି ଓଜନର ବ୍ରାଉନସୁଗର ଜବତ ହେବା ସହ ଅଭିଯୁକ୍ତ ଅମଜେତକୁ ଗିରଫ କରାଯାଇଥିଲା।



ଜଣେ ଗିରଫ; ମୋବାଇଲ ସହ ଟଙ୍କା ଜବତ

■ କାଳିଆପାଣି ଇସ୍ପାତ ଖଣିରେ ଅଘଟଣ

# ମାଟି ଅତଡ଼ା ଖସି ୪ ଶ୍ରମିକ ଗୁରୁତର

**କାଳିଆପାଣି ୮।୧୨(ସମିସ):** କାଳିଆପାଣି ଇସ୍ପାତ ଖଣିରେ ଆଜି ଏକ ବଡ଼ ଦୁର୍ଘଟଣା ଘଟିଛି। ଖଣିରେ ମାଟି ଅତଡ଼ା ଖସି ୪ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି।



ସମସ୍ତଙ୍କୁ ଚିକିତ୍ସା ଲାଗି କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ଅତି ସମ୍ବେଦନଶୀଳ ଅବସ୍ଥାରେ ଖଣି ଭିତରୁ ବାହାରୁଥିବା ବଜବଜିଆ କେଳୁଅ ମାଟିକୁ ରଖିଥିବା ମାଟିବନ୍ଧ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ମାଟି ଡମ୍ପିୟାର୍ଡ ତଳେ ରାସ୍ତା ଉପରେ ଯାଉଥିବା ଦୁଇଟି ମାଟି ବୋଝେଇ ଗାଡ଼ି ଏବଂ ଗୋଟିଏ ଡ୍ରୋଜର ସମ୍ପୂର୍ଣ୍ଣ ରୂପେ କାଦୁଅ ପାଣିରେ ବୁଡ଼ିଯାଇଥିଲା। ଏଥିଯୋଗୁଁ ୩ଜଣ ଡ୍ରାଇଭର ଏବଂ ଜଣେ ସୁପର ଭାଇଜର ଉକ୍ତ ଗାଡ଼ି ଭିତରେ ରହିଯାଇଥିଲେ। କୌଣସି ଉପାୟରେ

**ଦୁର୍ଘଟଣା ଚାପି ଦେବାକୁ ଉଦ୍ୟମ**

ସେମାନଙ୍କୁ ସେଠାରୁ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଛି। ତେବେ ଏହି ଘଟଣାଟିକୁ ବାଲେଶ୍ୱର ଆଲଏଜ୍ କମ୍ପାନୀ ଚପାଇ ଦେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଉଲ୍ଲେଖଯୋଗ୍ୟ, ଏହି କମ୍ପାନୀର ଉକ୍ତ ଖଣିରେ ୩ବର୍ଷ ପୂର୍ବେ ଅନୁରୂପ ଶୈଳୀରେ ଏକ ଦୁର୍ଘଟଣାରେ ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା।

■ ଆଟେଣ୍ଡାଣ୍ଟ ମିଳିଲେନି ବୋଲି...

# ଗୁରୁତର ଯୁବକଙ୍କୁ ରାସ୍ତାରେ ଛାଡ଼ି ଚାଲିଗଲା ଆମ୍ବୁଲାନ୍ସ

**ବରଗଡ଼, ୮।୧୨ (ସମିସ):** ଫୋନ୍-କଲ୍ ପାଇ ଦୁର୍ଘଟଣାସ୍ଥଳକୁ ଆମ୍ବୁଲାନ୍ସ ଆସିଲା। କିନ୍ତୁ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ସହ କେହି ଆଟେଣ୍ଡାଣ୍ଟ ନଆସିବାରୁ ତାଙ୍କୁ ସେହିଠାରେ ସେମିତି ଦରମରା ଅବସ୍ଥାରେ ଛାଡ଼ି ପଳାଇଲା। ବରଗଡ଼ ଜିଲ୍ଲା ଗାଇସିଲେଟ୍ ଥାନା ଅଧୀନ କେନ୍ଦୁଭଟ୍ଟା ଗ୍ରାମରେ ଆଜି ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁଯାୟୀ, ଆଜି ଭୋର୍‌ରେ ସେ କେନ୍ଦୁଭଟ୍ଟା ଗ୍ରାମର ଜଣେ ଯୁବକ ଚାଲିଚାଲି ଯାଉଥିବା ବେଳେ ଏକ ଅଜଣା କାର୍ ତାଙ୍କୁ କେନ୍ଦୁଭଟ୍ଟା ଛକ ନିକଟରେ ଧକ୍କା ଦେଇ ପଳାଇଥିଲା। ଏଥିରେ ଯୁବକଙ୍କ ଡାହାଣ ହାତ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଶରୀରର ଅନ୍ୟ ସ୍ଥାନରେ କ୍ଷତ ହୋଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଘଟଣାସ୍ଥଳକୁ ବି ଆସିଲା। କିନ୍ତୁ ଯୁବକଙ୍କ ସହ ଅନ୍ୟ କେହି ହସ୍ପିଟାଲ ନଯିବାରୁ ଆମ୍ବୁଲାନ୍ସ ଚାଳକ ତାଙ୍କୁ ନେବାକୁ ରାଜି ହୋଇନଥିଲା। ଆଟେଣ୍ଡାଣ୍ଟ ନ ଗଲେ, ରୋଗୀଙ୍କୁ ହସ୍ପିଟାଲ ନେବନି ବୋଲି ରୋକଠୋକ୍ ମନା କରିଦେଇଥିଲା। ଆମ୍ବୁଲାନ୍ସରେ ଗାଡ଼ି ଚାଳକଙ୍କୁ ଛାଡ଼ିଦେଲେ ଆହୁରି ଦୁଇଜଣ କର୍ମଚାରୀ ରହିଥିଲେ। ମାତ୍ର ସେମାନେ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ନେବାକୁ ମନା କରିଦେଇଥିଲେ। ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା।



ତେବେ ସେହି ସମୟରେ ସ୍ଥାନୀୟ ସ୍ୱେଚ୍ଛାସେବୀ ରତିକାନ୍ତ ପଧାନ ନିଜସ୍ୱ କାମରେ କେନ୍ଦୁଭଟ୍ଟାକୁ ଯାଉଥିବା ବେଳେ ଆହତ ଯୁବକଙ୍କୁ ଦେଖି ନିଜ ଉଦ୍ୟମରେ ଘରୋଇ ଗାଡ଼ିର ବ୍ୟବସ୍ଥା କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ।

# ପ୍ରାଥମିକ ପିଲାଙ୍କୁ ମିଳିନି ଜୋତା, ମୋଜା ଓ ଆଇ-କାର୍ଡ

**ଭୁବନେଶ୍ୱର, ୮ ।୧୨(ସମିସ):** ପ୍ରାଥମିକ ବିଦ୍ୟାଳୟରେ ଅର୍ଦ୍ଧବାର୍ଷିକ ପରୀକ୍ଷା ସରିଛି; ଆଉ ପ୍ରାୟ ୨ମାସ ପରେ ଆରମ୍ଭ ହେବ ବାର୍ଷିକ ପରୀକ୍ଷା। ହେଲେ ଏଯାଏଁ ପିଲାଙ୍କୁ ମିଳିନି ଜୋତା, ମୋଜା, ଟୋପି, ଆଇ-କାର୍ଡ ଓ ସ୍ପୋର୍ଟସ ପ୍ୟାଣ୍ଟ ସାର୍ଟ। ଶିକ୍ଷାବର୍ଷ ଆରମ୍ଭର ପ୍ରାୟ ୭-୮ ମାସ ପରେ ପୋଷାକ ଦିଆଯାଇଛି। ଏହାପରେ ମନ୍ତ୍ରୀ, ସଚିବଙ୍କ ଠାରୁ ପ୍ରଧାନଶିକ୍ଷକ ପର୍ଯ୍ୟନ୍ତ ସମସ୍ତେ ନୀରବ। ଜୋତା ମୋଜା କେବେ ମିଳିବ ମଧ୍ୟ କାହା ପାଖରେ ଉତ୍ତର ନାହିଁ। ସରକାରଙ୍କ ଉଦାସୀନତା ପାଇଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ସମସ୍ତ ପ୍ରସାଧନ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଛନ୍ତି।

■ ପାଣ୍ଠି ଥିଲେ ବି କିଣିବାକୁ କହୁନି ଓସେପା
■ ଅଧିକାରୀଙ୍କ ଉଦାସୀନତା ପାଇଁ ବଞ୍ଚିତ ଛାତ୍ରଛାତ୍ରୀ
■ ଖାଲି ପାଦରେ ବିଦ୍ୟାଳୟ ଆସୁଛନ୍ତି ବିଦ୍ୟାର୍ଥୀ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚ୍‌ଜି) ଦ୍ୱାରା ପୋଷାକ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୋଷାକ ସିଲେଇ ପ୍ରଶିକ୍ଷଣ ନେଇଥିବା ଏସ୍ଏଚ୍‌ଜିମାନେ ପୋଷାକ ଯୋଗାଇବାକୁ ଓଡ଼ିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ମଧ୍ୟ ଚିଠି କରିଥିଲା। ସେମାନେ ପୋଷାକ ଯୋଗାଇଥିଲେ ମଧ୍ୟ ଜୋତା, ମୋଜା, ଟୋପି, ଆଇ-କାର୍ଡ ଓ ସ୍ପୋର୍ଟସ ପ୍ୟାଣ୍ଟ ସାର୍ଟ ଆଦି ପ୍ରସ୍ତୁତ କରୁ ନଥିବାରୁ ସେଗୁଡ଼ିକ ବିଦ୍ୟାଳୟଗୁଡ଼ିକୁ ଦେଇ ନାହାନ୍ତି। ଓସେପା ମଧ୍ୟ ଏଗୁଡ଼ିକ ପ୍ରଦାନ କରିବାକୁ ଅନ୍ୟ ନିର୍ଦ୍ଦେଶନାମା ଏଯାଏଁ ଦେଇନାହିଁ। ଫଳରେ ବିଦ୍ୟାଳୟ ପାଖରେ ପାଣ୍ଠି ପହଞ୍ଚିଥିଲେ ମଧ୍ୟ ଏସବୁ କିଣାଯାଇ ପାରୁନାହିଁ। ଜଣେ ପ୍ରଧାନଶିକ୍ଷକଙ୍କ କହିବା କଥା ଅଗଷ୍ଟ ପ୍ରଥମ ସପ୍ତାହରେ ପୋଷାକ ଓ ସମସ୍ତ ପ୍ରସାଧନ ସାମଗ୍ରୀ ବିତରଣ ପାଇଁ ଡିଜି-ଗଭ୍‌ରେ ବିଦ୍ୟାଳୟଗୁଡ଼ିକୁ ଟଙ୍କା ପ୍ରଦାନ କରାଯାଇଛି। ଜୋତା, ମୋଜା ପରି ଅନ୍ୟ ସାମଗ୍ରୀ ଏସ୍ଏଚ୍‌ଜିମାନେ ପ୍ରସ୍ତୁତ କରୁ ନଥିବାରୁ ବିଭିନ୍ନ ଭେଣ୍ଡରଙ୍କ ଠାରୁ ସାମ୍ପଲ ଆଣି ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମ୍‌ସି)ର ଅନୁମୋଦନ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁମତି ପରେ କ୍ରୟ କରାଯାଏ। ଏସବୁ ଅଧିକାରୀମାନେ ଜାଣିଥିଲେ ମଧ୍ୟ ଦୂରଦୃଷ୍ଟି ଅଭାବରୁ ଭେଣ୍ଡରଙ୍କ ଠାରୁ ପ୍ରକ୍ରିୟା ଅନୁଯାୟୀ କିଣିବାକୁ ଅବଗତ କରୁନାହାନ୍ତି। ଫଳରେ ଏହି ପ୍ରକ୍ରିୟା ଅଟକି ରହିଛି ଓ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ବଞ୍ଚିତ ହେଉଛନ୍ତି। ଶିକ୍ଷାବର୍ଷ ଆରମ୍ଭର ୮ ମାସ ପୁରିଥିଲେ ମଧ୍ୟ ୟୁନିଫର୍ମ ଯୋଗାଇବାରେ ସରକାର ବିଫଳ ହୋଇଥିବାରୁ ବିଦ୍ୟାଳୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀମାନେ ଖାଲି ପାଦରେ ଓ ବିନା ୟୁନିଫର୍ମରେ ବିଦ୍ୟାଳୟକୁ ଆସୁଛନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭେଦଭାବ ଶୂନ୍ୟ ବାତାବରଣ ପ୍ରଭାବିତ ହେଉଛି।

**ପୁଣି ଦାବି ଉଠାଇଲେ ଶ୍ରୀକାନ୍ତ**

# ୱାଲଟିୟର୍ ନେଇଗଲେ ପୂର୍ବତଟ ରେଳପଥର ୧୦ ହଜାର କୋଟି କ୍ଷତି

**ଭୁବନେଶ୍ୱର,୮ ।୧୨(ସମିସ):** ୱାଲଟିୟର ଡିଭିଜନ୍‌କୁ ପୂର୍ବତଟ ରେଳପଥରୁ ଅଲଗା କରିବା ଦ୍ୱାରା ଓଡ଼ିଶା ପ୍ରଭୂତ କ୍ଷତି ସହିବ। ପୂର୍ବତଟ ରେଳପଥ ବାର୍ଷିକ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ହରାଇବ। ତେଣୁ ୱାଲଟିୟର୍ ଡିଭିଜନ୍‌ର ଆନ୍ଧ୍ରପ୍ରଦେଶ ଅଂଶକୁ ଦକ୍ଷିଣତଟ ରେଳପଥ ଅଧୀନସ୍ଥ ବିଜୟୱାଡା ଡିଭିଜନ୍‌ରେ ସାମିଲ ନ କରି ନୂଆ କରି ଗଠନ ହେଉଥିବା ରାୟଗଡ଼ା ଡିଭିଜନ୍‌ରେ ସାମିଲ କରାଯାଉ ବୋଲି ଦାବି କରିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା। ଏଥିସହ ଉତ୍ତର ଓଡ଼ିଶାରେ ଏକ ରେଳ ଡିଭିଜନ୍ ଗଠନ କରାଯାଇ ସେଥିରେ ବାଲେଶ୍ୱର, ମୟୂରଭଞ୍ଜ, ସୁନ୍ଦରଗଡ଼କୁ ସାମିଲ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜେନା କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍. ଡି ଦେବେଗୌଡ଼ା ଏବଂ ପୂର୍ବତନ ରେଳମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ନେତୃତ୍ୱରେ ପୂର୍ବତଟ ରେଳପଥ ଗଠନ କରାଯାଇଥିଲା। ସେହି ସମୟରେ ଶ୍ରୀ ଜେନା କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ଥିବା ବେଳେ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ଏଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ବଡ଼ ଅବଦାନ ରହିଥିଲା। ଖୋର୍ଦ୍ଧାରୋଡ, ୱାଲଟିୟର୍ ଓ



ସମ୍ବଲପୁର ଭଳି ତିନିଟି ଡିଭିଜନକୁ ନେଇ ପୂର୍ବତଟ ରେଳପଥ ଜୋନ୍ ଗଠନ ହୋଇଥିଲା। କ୍ରମାଗତ ଭାବେ ପୂର୍ବତଟ ରେଳପଥ ଭାରତୀୟ ରେଳବାଇରେ ସର୍ବାଧିକ ରାଜସ୍ୱ ଆଦାୟକାରୀ ଜୋନ୍ ରହିଥିବା ବେଳେ ଏଥିରେ ୬୦% ରାଜସ୍ୱ ୱାଲଟିୟର୍ ଡିଭିଜନରୁ ଆସିଥାଏ। ବାର୍ଷିକ ୨୦ ହଜାର କୋଟିରୁ ଅଧିକ ରାଜସ୍ୱ ପୂର୍ବତଟ ରେଳପଥ ପାଇଥାଏ। ତେବେ ସମ୍ପ୍ରତି କେନ୍ଦ୍ର ସରକାର ୱାଲଟିୟର୍ ଡିଭିଜନର ଏକ ବଡ଼ ଅଂଶକୁ ଦକ୍ଷିଣତଟ ରେଳପଥ ଅଧୀନ ବିଜୟୱାଡା ଡିଭିଜନ୍‌ରେ ମିଶ୍ରଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଅବଶିଷ୍ଟ ଅଂଶକୁ ରାୟଗଡ଼ା ଡିଭିଜନ୍ ଅଧୀନରେ ରଖାଯିବ।

ୱାଲଟିୟର୍ ଡିଭିଜନ୍‌ରେ ଦୁଇଟି ପ୍ରମୁଖ ବନ୍ଦର ଥିବା ବେଳେ ଇସ୍ପାତ କାରଖାନା ଏବଂ ବିଶାଖାପାଟଣାରେ ବୃହତ୍ ଲୋଡିଂ ପଏଣ୍ଟ ରହିଛି। ସେହିପରି ୱାଲଟିୟର୍ ଡିଭିଜନ୍ ସହ ବିଶାଖାପାଟଣାସ୍ଥିତ ୱାଗନ୍ ପରୀକ୍ଷା କେନ୍ଦ୍ର, ଦୁଇଟି ବୃହତ ଲୋକୋମୋଟିଭ୍ ସେଡ୍ ଚାଲିଯିବ। ଏଥିସହ ପ୍ରାୟ ୮ ହଜାରରୁ ୧୦ ହଜାର କର୍ମଚାରୀଙ୍କୁ ଓଡ଼ିଶାରୁ ଆନ୍ଧ୍ରପ୍ରଦେଶ ପଠାଯିବାର ଆଶଙ୍କା ରହିଛି। ପୂର୍ବତଟ ରେଳପଥ ଏବଂ ଓଡ଼ିଶା ଏଥିପାଇଁ ବହୁତ କ୍ଷତି

**ବାଲେଶ୍ୱର, ମୟୂରଭଞ୍ଜ ଓ ସୁନ୍ଦରଗଡ଼କୁ ନେଇ ଉତ୍ତର ଓଡ଼ିଶା ଡିଭିଜନ୍ ହେଉ**

ସହ୍ୟ କରିବ। ତେଣୁ ୱାଲଟିୟର୍ ଡିଭିଜନ୍‌ର ଆନ୍ଧ୍ରପ୍ରଦେଶ ଅଂଶକୁ ଦକ୍ଷିଣ ତଟ ରେଳପଥ ଅଧିନସ୍ଥ ବିଜୟୱାଡା ଡିଭିଜନ୍‌ରେ ସାମିଲ ନକରି ନୂଆ କରି ଗଠନ ହେଉଥିବା ରାୟଗଡ଼ା ଡିଭିଜନ୍‌ରେ ସାମିଲ କରିବା ଆବଶ୍ୟକ। ସେହିପରି ଦକ୍ଷିଣ-ପୂର୍ବ ଜୋନ୍ ଅଧୀନରେ ଥିବା ବାଲେଶ୍ୱର, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼କୁ ନେଇ ଏକ ନୂଆ ଡିଭିଜନ୍ ଗଠନ କରିବା ଜରୁରୀ ବୋଲି ଶ୍ରୀ ଜେନା କହିଛନ୍ତି।

# ଚାଷୀଙ୍କୁ ଇନ୍‌ପୁଟ୍ ସହାୟତା ପ୍ରଦାନ ଶୁଭାରମ୍ଭ

ନୟାଗଡ଼, ୮।୧୨(ସମିସ)

ନୟାଗଡ଼ ଜିଲ୍ଲାସ୍ତରୀୟ ଚାଷୀଙ୍କୁ ଇନ୍‌ପୁଟ ସହାୟତା ପ୍ରଦାନ ଶୁଭାରମ୍ଭ କାର୍ଯ୍ୟକ୍ରମ ପ୍ରଶାସନର ବହୁ ଆଡ଼ମ୍ବରରେ ଲଘୁକ୍ରିୟା ସଦୃଶ ହୋଇଛି। ଯୋଗାଣ, ସମବାୟ ଓ କୃଷି ବିଭାଗକୁ ନେଇ ବାରମ୍ବାର ପ୍ରସ୍ତୁତି ବୈଠକ କରାଯାଇଥିବା ବେଳେ ଫଳ ଶୂନ ବୋଲି ଦେଖାଯାଇଛି। ବରଗଡ଼ ଜିଲ୍ଲାର ରାଜ୍ୟସ୍ତରୀୟ

## ୩ ବିଧାୟକ ଓ ୩ ସାଂସଦ ଅନୁପସ୍ଥିତ

କାର୍ଯ୍ୟକ୍ରମରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ଶୁଣିବାକୁ ନୟାଗଡ଼ ଷ୍ଟାଡିୟମଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖିବା ବେଳକୁ ସଭାରେ ହାତଗଣତି ନେତାଙ୍କ ବ୍ୟତୀତ ଜଣେ ହେଲେ ଚାଷୀଙ୍କୁ ଦେଖିବାକୁ ମିଳି ନ ଥିଲା। କାର୍ଯ୍ୟକ୍ରମରେ ହଜାରେ ଚାଷୀଙ୍କ ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ବିଭିନ୍ନ ବ୍ଲକରୁ ବସ୍ ମାଧ୍ୟମରେ ଅଣାଯାଇ ମାତ୍ର ୩ ଶହରୁ ୩୫୦ ଜଣ ଚାଷୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସାଂସଦ ଓ ବିଧାୟକମାନେ ଉପସ୍ଥିତ ରହିବେ ବୋଲି ପୂର୍ବରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ସୂଚନା ଦେଇଥିଲେ ମଧ୍ୟ ଖଣ୍ଡପଡ଼ା ବିଧାୟକଙ୍କ ବ୍ୟତିତ ଅନ୍ୟ କାହାରିକୁ ଦେଖିବାକୁ ମିଳିନଥିଲା। ଦେଢ଼ ଘଣ୍ଟା ବିଳମ୍ବରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ ମଧ୍ୟ ଚାଷୀ ଓ ଅତିଥି ଚୌକି ଖାଲି ପଡ଼ିଥିଲା।




ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଧାନବିକ୍ରିରେ ଚାଷୀ ଇନ୍‌ପୁଟ ସହାୟତା ପାଇବା ପରେ ଚାଷୀମାନେ ବହୁତ୍ ଲାଭବାନ ହେବେ ବୋଲି କହିଥିଲେ। ଜିଲ୍ଲାରେ ୨୭ ଡିସେମ୍ବରରୁ ଧାନକିଣା ଶୁଭାରମ୍ଭ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଏ ବର୍ଷ ଟୋକନ ଅବଧି ଏକ ମାସ ବାଦ ଅତିରିକ୍ତ ୭ ଦିନ ବୃଦ୍ଧି କରି ପାରିବା ପାଇଁ ସରକାର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳଙ୍କୁ କ୍ଷମତା ପ୍ରଦାନ କରିଥିବା କହିଥିଲେ। ଖଣ୍ଡପଡ଼ା ବିଧାୟକ ସରକାର ପ୍ରତିଶ୍ରୁତି ରକ୍ଷା କରି ଇନ୍‌ପୁଟ ସହାୟତା ରାଶି ପ୍ରଦାନ କରିଛନ୍ତି ବୋଲି କହିଥିଲେ। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା। ବରଗଡ଼ରେ କାର୍ଯ୍ୟକ୍ରମ ବିଳମ୍ବରେ ଅନୁଷ୍ଠିତ ହୋଇଥିବାରୁ ଉପସ୍ଥିତ ଚାଷୀମାନେ ଅପେକ୍ଷା କରି ଶେଷରେ ଖାଇବା ପାଇଁ ଉଠି ଚାଲି ଯାଇଥିଲେ। ଫଳରେ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ବେଳକୁ ଚାଷୀ ଅନୁପସ୍ଥିତ ରହିଥିବା ଦେଖାଯାଇଥିଲା। ନୟାଗଡ଼ ଜିଲ୍ଲାରେ ୫୩ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ମାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ଚାଷୀଙ୍କୁ କୌଣସି ସୂଚନା ପ୍ରଦାନ କରାଯାଇ ନ ଥିବା ଅନେକ ସ୍ଥାନରୁ ଅଭିଯୋଗ ଆସିଛି। ବିଭିନ୍ନ ବିଭାଗ, ବ୍ଲକ ଓ ସୋସାଇଟି ମାଧ୍ୟମରେ ଚାଷୀଙ୍କୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ତାହା ସମ୍ପୂର୍ଣ୍ଣ ଫଳପ୍ରଦ ହୋଇପାରିନାହିଁ।

● ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ

# ଜିଲ୍ଲାସ୍ତରୀୟ କ୍ରୀଡ଼ା ସମାରୋହ



ନୟାଗଡ଼, ୮।୧୨(ସମିସ): ସ୍ଥାନୀୟ ନବଘନପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ଓଡ଼ିଶାର ନୟାଗଡ଼ ଜିଲ୍ଲାସ୍ତରୀୟ କ୍ରୀଡ଼ା ସମାରୋହ ଜିଲ୍ଲା ପ୍ରମୁଖ ଶ୍ରୀଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର କୁନି କୁନି ଶିଶୁ ଖେଳାଳିଙ୍କ ଦ୍ୱାରା ଏହି କ୍ରୀଡା ସମାରୋହରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସକାଳ ୧୦ଟାରେ ମାଛିପଡ଼ା ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ସନ୍ନ୍ୟାସୀ ପ୍ରଧାନ ମଶାଲ ପ୍ରଜ୍ୱଳନ କରି କ୍ରୀଡ଼ା ସମାରୋହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭଲ ଖେଳାଳି ହୋଇ ଓଡ଼ିଶାର ସୁନାମ ଅର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ଅପରାହ୍ଣରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ିବା ସହିତ ଖେଳକୁଦରେ ମନୋନିବେଶ କଲେ ଶରୀର ସୁସ୍ଥ ରହିବ ବୋଲି କହିଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ଏହି ଜିଲ୍ଲାସ୍ତରୀୟ କ୍ରୀଡା କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ ବିରଞ୍ଚି ନାରାୟଣ ବେହେରା, ଅନୁସୂୟା ସ୍ୱାଇଁ ଓ ପୁଷ୍ପାଞ୍ଜଳି ବାରିକ ସଞ୍ଚାଳନ କରିଥିଲା ବେଳେ ସଂସ୍ଥାନର ଜିଲ୍ଲା କାର୍ଯ୍ୟକର୍ତ୍ତା ଅବିନାଶ ସାହୁ, ମନୋରଞ୍ଜନ ସାହୁ, ନଗେଶ କୁମାର ଖଣ୍ଡା, କାଳନ୍ଦୀଚରଣ ସାହୁ ସହଯୋଗ କରିଥିଲେ। ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼ର ସମସ୍ତ ଗୁରୁଜୀ ଗୁରୁମା ଅକ୍ଳାନ୍ତ ପରିଶ୍ରମ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସଂସ୍ଥାନର ଜିଲ୍ଲା ସଂଯୋଜକ ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

■ ସାଟେଲାଇଟ୍ ସର୍ଭେ ପାଇଁ କୁଣ୍ଠକୁଣ୍ଠ ଡିଇଓ

# ଅଘଟଣ ଘଟିଲେ କିଏ ରହିବ ଦାୟୀ?

ନୟାଗଡ଼, ୮।୧୨(ସମିସ): ନୟାଗଡ଼ ଜିଲ୍ଲାରେ ଧାନକିଣା ଡିସେମ୍ବର ୨୭ରୁ ଆରମ୍ଭ ହେବାକୁ ଥିବା ବେଳେ ସାଟେଲାଇଟ୍ ସର୍ଭେ ପରେ ଏବେ ପୁର୍ନବାର ସମବାୟ ସମିତିଗୁଡ଼ିକ ପକ୍ଷରୁ ଲ୍ୟାଣ୍ଡ ଭେରିଫିକେସନ୍ କାର୍ଯ୍ୟ କରାଯାଉଛି। ଆପ୍ ଜରିଆରେ ଚାଷ ଜମିର ଫଟୋ ଅପଲୋଡ୍ କରାଯାଉଛି। ଏହି କାର୍ଯ୍ୟକୁ ବିଭିନ୍ନ ସମବାୟ ସମିତିର ଡିଇଓଙ୍କ ଜରିଆରେ କରାଯାଉଥିବା ବେଳେ କିଛି ଅଘଟଣ ଘଟିଲେ କିଏ ଦାୟୀ ରହିବ ବୋଲି ଓଡ଼ିଶା ପ୍ୟାକ୍ସ ଲ୍ୟାମ୍ପସ ଡିଇଓ ସଂଘ ପ୍ରଶ୍ନ ଉଠାଇଛି। ଜିଲ୍ଲା ଶାଖା କର୍ମକର୍ତ୍ତା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସହାୟତା ଏବଂ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହୋଇଛି। ବିଭିନ୍ନ ଜମିରେ ସର୍ଭେ କରିବା ସମୟରେ ସାପ, ବିଷାକ୍ତ କୀଟଙ୍କ ଭୟ ରହିଛି। ନିକଟରେ ବୌଦ୍ଧ ଜିଲ୍ଲାରେ ସର୍ଭେ ବେଳେ ଜଣେ ଡିଇଓଙ୍କୁ ବିଷାକ୍ତ କୀଟ କାମୁଡ଼ିବା ଦ୍ୱାରା ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଯାହାକୁ ନେଇ ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ଡିଇଓମାନେ ସର୍ଭେ କରିବାକୁ କୁଣ୍ଠକୁଣ୍ଠ ହେଉଛନ୍ତି। ସମବାୟ ସମିତି ଅଧୀନରେ ଡିଇଓମାନେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି।

■ କଲରାପତରିଆ ମୃତ୍ୟୁ ଘଟଣା

# ଆଉ ୨ ଜଣଙ୍କୁ ଉଠାଇଲା ବନ ବିଭାଗ

ଖଣ୍ଡପଡ଼ା, ୮।୧୨(ସମିସ): ଖଣ୍ଡପଡ଼ା ବନାଞ୍ଚଳର ସିଂଘାପଡ଼ା ସେକ୍ସନ ଅଧୀନ ସାପୁଆ ସଂରକ୍ଷିତ ଜଙ୍ଗଲରେ କଲରାପତରିଆ ବାଘର ଶିକାର ଘଟଣାରେ ସମ୍ପୃକ୍ତ ଥିବା ଆଉ ଦୁଇ ଜଣ ବ୍ୟକ୍ତିଙ୍କୁ ବନବିଭାଗ କର୍ମଚାରୀ ରବିବାର ସିଂଘାପଡ଼ା ଅଞ୍ଚଳରୁ ଉଠାଇ ଆଣି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଟକ ରଖି ତଦନ୍ତ ଚଳାଇଛି। ଏଥି ପୂର୍ବରୁ ଉପରୋକ୍ତ ଘଟଣାରେ ବନ ବିଭାଗ ଟିମ୍ ସିଂଘାପଡ଼ା ପଞ୍ଚାୟତ ଅଧୀନ ବୁଢ଼ୀଝାରି ଗ୍ରାମର ସୁକର ପ୍ରଧାନ ଓ ସାରେଣ୍ଡା ଗ୍ରାମର ସୁଶାନ୍ତ ପ୍ରଧାନଙ୍କୁ ଗିରଫ କରି ଖଣ୍ଡପଡ଼ା ଉପକାରାଗାରକୁ ପଠାଇ ଦେଇଥିବା ଜଣାପଡ଼ିଛି। ତେବେ ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ସମ୍ପର୍କରେ ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଘଟଣାର ଖୋଳତାଡ଼ କରୁଥିବା ସୂଚନା ମିଳିଛି। ଅପରପକ୍ଷରେ ବାଘ ମୃତ୍ୟୁ ଘଟଣାକୁ ନେଇ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗରେ ସିଂଘାପଡ଼ା ବନପାଳ କୈଳାସ ପ୍ରଧାନ ଓ ବନରକ୍ଷୀ ଲୋକନାଥ ସେଠୀଙ୍କୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କାରଣଦର୍ଶାଅ ନୋଟିସ ପଠାଇଥିବା ନେଇ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

# ଜଳିଗଲା ଧାନ ବୋଝେଇ ଟ୍ରକ୍



ଗଣିଆ, ୮।୧୨(ସମିସ): ନୟାଗଡ଼ ଜିଲ୍ଲାର ଗଣିଆରୁ ପୁରୁଣା କଟକ ଯାଉଥିବା ଏକ ଧାନ ବୋଝେଇ ଟ୍ରକ୍ ଗଣିଆ ନିକଟସ୍ଥ ମାଛୁଆ ନିକଟରେ ରାତି ପ୍ରାୟ ୮ଟା ବେଳେ ସର୍ଟସର୍କିଟ ଯୋଗୁଁ ରାସ୍ତାରେ ଜଳି ଯାଇଛି। ଖବର ପାଇ ଗଣିଆ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣାସ୍ଥଳରେ ଗଣିଆ ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିଥିବା ଜଣାପଡ଼ିଛି। ଡ୍ରାଇଭର ଜଣକ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଗାଡ଼ିଟିର ଇଞ୍ଜିନ ସମ୍ପୂର୍ଣ୍ଣ ଜଳିପୋଡ଼ି ଯାଇଛି।

# ୧୮ ଘଣ୍ଟା ଅନ୍ଧାରରେ ରହିଲେ ଓଡ଼ଗାଁ ସହରବାସୀ

ଓଡ଼ଗାଁ, ୮।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସି ଅଞ୍ଚଳ ଦେଇ ଏକ ନଳକୂପ ଗାଡ଼ି ଯାଉଥିବା ବେଳେ ଗାଡ଼ିଚାଳକଙ୍କ ଦାୟିତ୍ୱହୀନତା ଯୋଗୁଁ ସହରର ମୁଖ୍ୟ ବଜାର ସମେତ କେତେକ ୱାର୍ଡ ବାସିନ୍ଦାଙ୍କୁ ୧୮ ଘଣ୍ଟା ଧରି ଅନ୍ଧାରରେ ରହିବାକୁ ପଡ଼ିଛି। ତେବେ ସାଧାରଣ ଉପଭୋକ୍ତା ଘଟଣା ସମ୍ପର୍କରେ ଜାଣିନଥିବା ବେଳେ ବିଦ୍ୟୁତ ବିତରଣ ସଂସ୍ଥା ଉପରେ ଦୋଷ ଦେଇ ଚୁପ୍ ହୋଇଯାଇଛନ୍ତି। ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟାରୁ ନୟାଗଡ଼ ରାଜପାଟଣା ଗ୍ରୀଡରୁ ଓଡ଼ଗାଁକୁ ଆସିଥିବା ୩୩ କେଭି ଲାଇନ ଅଚଳ ଥିବା କାରଣରୁ ଶରଣକୁଳ ସମେତ ସ୍ଥାନୀୟ ଅଞ୍ଚଳର ୫୦ ହଜାରରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତା ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଥିଲେ। ଏହି ସମୟରେ ବିଦ୍ୟୁତ୍ କର୍ମଚାରୀ ଓ ଅଧିକାରୀ ୩୩ କେଭି ଲାଇନ ତଦାରଖ ନିମନ୍ତେ ବ୍ୟସ୍ତ ରହିଥିବା ବେଳେ ସାରା ସହର ଅନ୍ଧକାର ରହିଥିଲା। ହେଲେ ୩୩ କେଭି ଲାଇନ ସଜାଡିବା ପରେ ସହର ଓ ଗ୍ରାମାଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ନିମନ୍ତେ କର୍ମଚାରୀମାନେ ପ୍ରସ୍ତୁତ ହେଉଥିବା ବେଳେ ସ୍ଥାନୀୟ ବଜାର ମଧ୍ୟରେ ନଳକୂପ ଗାଡ଼ି ଦ୍ୱାରା ଅଘଟଣ ଘଟି ପ୍ରାୟ ୩୦୦ ମିଟର କେବୁଲ ତାର ୨୧ ନମ୍ବର ରାଜ୍ୟ ରାଜପଥ ଉପରେ ବିପଦପୂର୍ଣ୍ଣ ଭାବେ ଛିଣ୍ଡି ପଡ଼ିଥିବା ସୂଚନା ମିଳିଥିଲା। ବଜାର ମଧ୍ୟସ୍ଥ ଡାଇଭରସନ ରୋଡ୍‌ର ଗୋଟିଏ ପାଖ ରାସ୍ତାରେ ଜନୈକ ବାସିନ୍ଦା ଘର ଛାତ ପକାଇବାକୁ ସରଞ୍ଜାମ ସହିତ ମିକ୍ସଚର୍ ମେସିନ ରଖିବା କାରଣରୁ ରାସ୍ତା ସଙ୍କୁଚିତ ହୋଇଥିଲା। ସେହି ରାସ୍ତାଦେଇ ବିଳମ୍ବିତ ରାତିରେ ଏକ ନଳକୂପ ଖନନ ଗାଡ଼ି ଯାଉଥିବା ବେଳେ ଚାଳକଙ୍କ ଅସାବଧାନତା କାରଣରୁ ରାସ୍ତା ମଝିରେ ଯାଇଥିବା କେବଲ ଓ ବିଦ୍ୟୁତ୍ ଖୁଣ୍ଟ ଘୋଷାରି ହୋଇଯାଇଥିଲା। ଲୋକେ ଗାଡିକୁ ଅଟକାଇଥିଲେ ସୁଦ୍ଧା ଗାଡ଼ିଟି ଘଟଣାସ୍ଥଳରୁ ଚାଲିଯାଇଥିଲା। ହେଲେ ସୌଭାଗ୍ୟବଶତଃ ୩୩ କେଭି ଅଚଳ ଥିବାରୁ ଗାଡି ଚାଳକଙ୍କ ସମେତ ଅନେକ ଗ୍ରାହକ ଓ ଜନସାଧାରଣ ଏକ ବଡ଼ ବିପଦରୁ ରକ୍ଷା ପାଇଯାଇଥିଲେ। ଫଳରେ ଶନିବାର ସକାଳ ୯ଟାରୁ ବିଦ୍ୟୁତ୍ କେବୁଲ ସଜାଡିବା କାମ ଆରମ୍ଭ ହୋଇଥିବା ବେଳେ ଅପରାହ୍ଣ ୪ଟା ସମୟରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ଦୁଶାସନ ସ୍ୱାଇଁଙ୍କୁ ପଚାରିବାରେ ସେ ଦୁଃଖ ପ୍ରକାଶ କରିବା ସହିତ ଏଥିପାଇଁ ଧ୍ୟାନ ଦେବାକୁ କହିଛନ୍ତି। ସେହିପରି ଟାଟା ପାୱାର ସହକାରୀ ଯନ୍ତ୍ରୀ ବିନୋଦ କୁମାର ମହାରଣା ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଠାବ କରିବା ପରେ ମାଲିକଙ୍କ ବିରୋଧରେ ପୁଲିସରେ ଅଭିଯୋଗ କରାଯିବ ବୋଲି କହିଛନ୍ତି।

# ବୈଦେହୀ ସଙ୍ଗୀତାୟନ ନୃତ୍ୟ ଓ କଣ୍ଠ ସଙ୍ଗୀତ ପ୍ରତିଯୋଗିତା



ଓଡ଼ଗାଁ, ୮।୧୨(ସମିସ): ଓଡ଼ଗାଁର ଅଗ୍ରଣୀ କଳାନୁଷ୍ଠାନ ବୈଦେହୀ ସଙ୍ଗୀତାୟନ ପକ୍ଷରୁ ରବିବାର ଏନ୍ଏସି ଅନ୍ତର୍ଗତ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ନୃତ୍ୟ, କଣ୍ଠସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସରକାରୀ କଲ୍ୟାଣ ମଣ୍ଡପରେ ଆୟୋଜିତ ପ୍ରତିଯୋଗିତାରେ କଣ୍ଠ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ମୋଟ ୮୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।

କଣ୍ଠ ସଙ୍ଗୀତ ବରିଷ୍ଠ ବର୍ଗରେ ଆଶୁତୋଷ ବେହେରା ପ୍ରଥମ ହୋଇଥିବା ବେଳେ ଶୁଭଶ୍ରୀ ପ୍ରିୟଦର୍ଶିନୀ ପୃଷ୍ଟି ଦ୍ୱିତୀୟ ଓ ସ୍ୱପ୍ନଜିତ ମହାପାତ୍ର ତୃତୀୟ ହୋଇଛନ୍ତି। ସେହିଭଳି କନିଷ୍ଠ ବର୍ଗରେ ଲାରା ସାମନ୍ତସିଂହାର ପ୍ରଥମ ହୋଇଛନ୍ତି। ସୋନମ୍ ମହାନ୍ତି ଓ ରାଜଲକ୍ଷ୍ମୀ ବେହେରା ଯୁଗ୍ମ ଦ୍ୱିତୀୟ, ସୋନାଲି ଜେନା ତୃତୀୟ ହୋଇଛନ୍ତି। ନୃତ୍ୟ ବରିଷ୍ଠ ବର୍ଗରେ ମୋକ୍ଷଦା ମନସ୍ୱିନୀ ପ୍ରଥମ ହୋଇଥିବା ବେଳେ ସ୍ମରଣିକା ରାଉତ ଦ୍ୱିତୀୟ, ଲକ୍ଷ୍ମୀ ମହାରଣା ତୃତୀୟ ହୋଇଛନ୍ତି।

କନିଷ୍ଠ ବର୍ଗରେ ଲାରା ସାମନ୍ତସିଂହାର ପ୍ରଥମ ହୋଇଥିବା ବେଳେ ଅନ୍ୱେଷା ଅଭିନନ୍ଦନା ଦ୍ୱିତୀୟ ଓ ପ୍ରିୟାଂଶୁ ପୃଷ୍ଟି ତୃତୀୟ ହୋଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ଏବଂ ସମ୍ମାନିତ ଅତିଥି ଭାବେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଯୋଗଦେଇଥିଲେ। କଣ୍ଠସଙ୍ଗୀତରେ ବିଚାରକ ଭାବେ ଡ. ଲୋକନାଥ ମହାନ୍ତି, ରଞ୍ଜନ କୁମାର ଦାଶ, ଯଶୋବନ୍ତ ପଟ୍ଟନାୟକ ରହିଥିବା ବେଳେ ନୃତ୍ୟରେ ଦୁର୍ଗାକାନ୍ତ ଆଚାର୍ଯ୍ୟ, ନରେନ୍ଦ୍ର କୁମାର ତ୍ରିପାଠୀ, ଦେବୀ ପ୍ରସାଦ ପଣ୍ଡା ବିଚାରକ ଭାବେ ଯୋଗଦେଇଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସ୍ୱରୂପ ରଞ୍ଜନ ମିଶ୍ର, ପଞ୍ଚାନନ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନର ଆଗାମୀ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଥିଲା। ସବ୍ୟସାଚୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ସତ୍‌ସଙ୍ଗ ବିହାର ନୂତନ ଶ୍ରୀମନ୍ଦିର ଉଦ୍‌ଘାଟିତ



ଦଶପଲ୍ଲା, ୮।୧୨(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ତ୍ରିନାଥଛକ ନିକଟରେ ସତ୍‌ସଙ୍ଗ ବିହାର ନୂତନ ଶ୍ରୀମନ୍ଦିର ଉଦ୍‌ଘାଟନ ପୂଜ୍ୟ ଅବିନେନ୍ଦ୍ର ନାଥ ଚକ୍ରବର୍ତ୍ତୀଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ତଥା ନୟାଗଡ଼ ଜିଲ୍ଲା ସହ ପଡ଼ୋଶୀ କଟକ, ବୌଦ୍ଧ, କନ୍ଧମାଳ, ଗଞ୍ଜାମ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଗୁରୁଭାଇ ଓ ମାଆମାନେ ଦିବ୍ୟ ସତ୍‌ସଙ୍ଗ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦିବସ ବ୍ୟାପୀ ଭଜନ, କୀର୍ତ୍ତନ, ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଏନ୍ଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସତ୍‌ସଙ୍ଗ ସହ ପ୍ରତି ରିତ୍ୱିକ ଦାମୋଦର ସାହୁ, କ୍ଷେତ୍ରବାସୀ ପ୍ରଧାନ, ସୁଶାନ୍ତ କୁମାର ପାତ୍ରଙ୍କ ସହ ଜିଲ୍ଲାର ଅନ୍ୟ ରିତ୍ୱିକ, କର୍ମୀ ଗଣ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାରା ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ହଜାର ହଜାର ଗୁରୁଭାଇ ଓ ଗୁରୁମା ଏହି ଉତ୍ସବରେ ସମବେତ ହୋଇଥିଲେ। ଅପରାହ୍ଣରେ ସ୍ଥଳାଭିଷିକ୍ତ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ଅମୀୟ ଆଶିଷ ସହିତ ତାଙ୍କର ସୁପୁତ୍ର ଅଭିନ୍ନ ଚକ୍ରବର୍ତ୍ତୀ ସୁଦୃଶ୍ୟ ତଥା ଭବ୍ୟ ଶ୍ରୀମନ୍ଦିର ଉଦ୍‌ବୋଧନୀ ସମାପନ କରିବା ସହିତ ଆନୁଷ୍ଠାନିକ ଭାବରେ ଲୋକାର୍ପଣ କରିଥିଲେ। ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ନାମ ସଂକୀର୍ତ୍ତନ, ସଙ୍ଗୀତାଞ୍ଜଳି ଓ ଦୀକ୍ଷା ଦାନ ଜାରି ରହିଥିଲା। ସତ୍‌ସଙ୍ଗ ବିହାର ସଭାପତି ସୁଶାନ୍ତ ପାତ୍ର, ସମ୍ପାଦକ ଦାମୋଦର ସାହୁ, ସହ ପ୍ରତି ରତ୍ୱିକ କ୍ଷେତ୍ରବାସୀ ପ୍ରଧାନ ଉତ୍ସବର ସଫଳ ସଂଯୋଜନା କରିଥିଲେ।

# ଦେଶୀମଦ ଜବତ; ୨ ଗିରଫ

ଖଣ୍ଡପଡ଼ା/ଭାପୁର, ୮।୧୨(ସମିସ): ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳରେ ଚୋରା ଦେଶୀମଦ ବେପାରୀଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ି ଚାଲିଥିବା ବେଳେ ଗତ ଶୁକ୍ରବାର ୧୬ ଶହ ଲିଟରରୁ ଅଧିକ ଦେଶୀମଦ ଜବତ ସହ ପାଞ୍ଚ ଜଣ ଜେଲ୍ ଯାଇଥିଲେ। ରବିବାର ମୋବାଇଲ ସ୍କ୍ୱାଡ୍ ଏସ୍ଆଇ ସୁଶାନ୍ତ କୁମାର ମହାପାତ୍ର ଏବଂ ଖଣ୍ଡପଡ଼ା ଅବକାରୀ ବିଭାଗ ଓଆଇସି ଦୀପକ କୁମାର ଜେନା ଏକ ଟିମ୍ ଗଠନ କରି ଫତେଗଡ଼ ଥାନା ଅଧୀନ ଫତେଗଡ଼ ପଞ୍ଚାୟତ ନିକଟସ୍ଥ କାଳିଗିରି ଛକ ନିକଟରୁ ଆଜି ୧୪୪୦ ଲିଟର ଦେଶୀ ମହୁଲି ମଦ ସହ ଗୋଟିଏ ପିକଅପ୍ ଭ୍ୟାନ ଜବତ କରିଛନ୍ତି। କଟକ ଜିଲ୍ଲା ବଡ଼ମ୍ବା ଗ୍ରାମର ପିଣ୍ଟୁ ସେନାପତି (୨୯) ଓ ବାଙ୍କୀର ପବିତ୍ର ଦଳେଇ (୩୪)ଙ୍କୁ ସମ୍ପୃକ୍ତ ଘଟଣାରେ ଅବକାରୀ ବିଭାଗ ଗିରଫ କରିଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଖଣ୍ଡପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି।

**ବିଡିଓ, ଏବିଡିଓଙ୍କ ବଦଳି; ଉନ୍ନୟନ କାର୍ଯ୍ୟ ଠପ୍**

# ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲା କ୍ରିୟାନୁଷ୍ଠାନ କମିଟି

ଭାପୁର, ୮।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ବିଡିଓଙ୍କ ପୂର୍ବରୁ ବଦଳି ହୋଇଥିଲା ବେଳେ ଏବିଡିଓ କାର୍ଯ୍ୟ ସମ୍ଭାଳିଥିଲେ। ବିଡିଓଙ୍କ ବଦଳରେ କେହି ଆସିନଥିବା ବେଳେ ଏବିଡିଓଙ୍କ ବଦଳି କରାଯାଇଛି। ଫଳରେ ବ୍ଲକ କାର୍ଯ୍ୟ ଠପ୍ ହୋଇଯାଇଛି। ଏନେଇ ଭାପୁର କ୍ରିୟାନୁଷ୍ଠାନ କମିଟି ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରି ଦୃଷ୍ଟି ଆକର୍ଷଣ କରିଛି। ସୂଚନାଯୋଗ୍ୟ ଯେ ଅକ୍ଟୋବର ମାସରେ ଭାପୁର ବିଡିଓଙ୍କ ବଦଳି ହୋଇଯାଇଛି। ଏବିଡିଓ ସରୋଜ କୁମାର ନାୟକ ଦାୟିତ୍ୱ ସମ୍ଭାଳି ଥିଲା ବେଳେ ଗତ ଚାରିଦିନ ପୂର୍ବେ ତାଙ୍କୁ ଡେପୁଟେସନରେ ପଠାଇ ଦିଆଯାଇଛି। ଦୁଇ ଜଣଙ୍କ ଅନୁପସ୍ଥିତିରେ ଭାପୁର ତହସିଲଦାର ଅର୍ଜୁନ ପ୍ରଧାନଙ୍କୁ ଅତିରିକ୍ତ ଭାବେ ଭାପୁର ବିଡିଓ ଦାୟିତ୍ୱ ଦିଆଯାଇଛି। ପୂର୍ବରୁ ତହସିଲଦାର ତହସିଲ କାର୍ଯ୍ୟ ସହ ଅତିରିକ୍ତ ଭାବେ ସବ୍‌ରେଜିଷ୍ଟ୍ରାର ଦାୟିତ୍ୱ ସମ୍ଭାଳୁଛନ୍ତି। ଜଣେ ତିନି ତିନୋଟି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ଅସମ୍ଭବ ହୋଇପଡ଼ିଛି। ଫଳରେ ବ୍ଲକ କାର୍ଯ୍ୟ ପ୍ରାୟତଃ ଠପ୍ ହୋଇଯାଇଛି। ଏହାସହ ଜିଲ୍ଲାର ସର୍ବପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନ ହେଲା ସୁପରିଟେଣ୍ଡେଣ୍ଟ ଓ ବ୍ଲକ ହେଲ୍‌ଥ ଅଫିସର ପଦବୀ ଖାଲି ରହିଛି। ଫଳରେ ରୋଗୀସେବା ବାଧାପ୍ରାପ୍ତ ହେଉଛି। ତୁରନ୍ତ ବିଡିଓ ପଦବୀ ସହ ଡାକ୍ତରଖାନାର ଉପରୋକ୍ତ ଦୁଇଟି ପଦବୀ ପୂରଣ କରିବାକୁ କ୍ରିୟାନୁଷ୍ଠାନ କମିଟି ଦାବି କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛି।

**ଜାତୀୟ ରାଜପଥରେ ବେଧଡ଼କ ଗଞ୍ଜେଇ ଚାଲାଣ**

# ନିରବଦ୍ରଷ୍ଟା ସାଜିଛି ୯ ଥାନା ପୁଲିସ

ନୟାଗଡ଼, ୮।୧୨(ସମିସ)

କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରୁ କୋଲକାତା, ବାଲେଶ୍ୱର, କଟକ ଓ ଭୁବନେଶ୍ୱରକୁ ପ୍ରତ୍ୟେହ ଟନ୍ ଟନ୍ ଗଞ୍ଜେଇ ଚାଲାଣ ହେଉଛି। ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଦେଇ ନୟାଗଡ଼ ଜିଲ୍ଲା ଓ ଖୋର୍ଦ୍ଧା ଜିଲ୍ଲାର ୯ ଥାନା ପାର୍ଶ୍ୱ ଦେଇ ଗଞ୍ଜେଇ ଚାଲାଣ କରାଯାଉଛି। ଏହି ଥାନାଗୁଡ଼ିକ ମଧ୍ୟରେ ନୟାଗଡ଼ ଜିଲ୍ଲାର ବାଣିଗୋଛା, ଦଶପଲ୍ଲା, ନୂଆଗାଁ, ନୟାଗଡ଼ ସଦର, ନୟାଗଡ଼ ଟାଉନ, ଇଟାମାଟି ଥାନା ରହିଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼, ବେଗୁନିଆ ଓ ବାଘମାରୀ ଥାନା ରହିଛି। ପ୍ରତ୍ୟହ ଏହି ରାସ୍ତା ଦେଇ ହଜାର ହଜାର ଗାଡ଼ି ଚଳାଚଳ କରୁଥିବା ବେଳେ ୫୦ରୁ ଅଧିକ ଗାଡ଼ିରେ ଗଞ୍ଜେଇ ଚାଲାଣ କରାଯାଉଛି। ବିଗତ ଦିନରେ କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ସଂସ୍ଥା ନୟାଗଡ଼ରୁ ଏକ ଟ୍ରକରେ ଯାଉଥିବା କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇ ଧରିଥିବା ବେଳେ ପୁଲିସ ଓ ଅବକାରୀ ବିଭାଗ କେଜି ଓଜନରେ ଗଞ୍ଜେଇ ଧରି ମାମଲା ରୁଜୁ କରୁଛନ୍ତି। ପୁଣି ଟାର୍ଗେଟ ସମୟରେ କେବଳ ଧରପଗଡ଼ ବୋଲି ଜଣାଯାଇଛି। ବିଗତ ଦିନର ତଥ୍ୟକୁ ଲକ୍ଷ୍ୟ କଲେ ନୟାଗଡ଼ ଜିଲ୍ଲାରେ ବର୍ଷେ ହେବ ଗଞ୍ଜେଇ ଜବତ ମାମଲା ସଂଖ୍ୟା ନଗଣ୍ୟ ବୋଲି କୁହାଯାଉଛି।

ନୟାଗଡ଼ ଜିଲ୍ଲାର ବାଣିଗୋଛା ଓ ଦଶପଲ୍ଲା ମୁଖ୍ୟସ୍ଥାନ ହୋଇଥିବା ବେଳେ ଗଞ୍ଜେଇ ଚାଲାଣ ରୋକିବା କ୍ଷେତ୍ରରେ ଆଦୌ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସରକାର ଗଞ୍ଜେଇକୁ ନିଷିଦ୍ଧ କରିଥିବା ବେଳେ କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରୁ ଅହରହ ଗଞ୍ଜେଇ ଚାଲାଣ ଅବକାରୀ ଓ ପୁଲିସ ବିଭାଗ ପ୍ରତି ଅଟ୍ଟହାସ୍ୟ ସୃଷ୍ଟି କରିଛି। ନୟାଗଡ଼ ଜିଲ୍ଲାର ଗଣିଆ ବ୍ଲକ ବଡ଼ଶିଳିଙ୍ଗା, ଦଶପଲ୍ଲା ବ୍ଲକ ଚଢ଼େୟାପଲ୍ଲୀ, କଳସାଖମଣ ଅଞ୍ଚଳରେ ଥିବା ଜଙ୍ଗଲ ମଧ୍ୟରେ ଗଞ୍ଜେଇ ଚାଷ ହେଉଛି। ବିଗତ ଦିନରେ ଓଡ଼ଗାଁ ବ୍ଲକର ଅପହଞ୍ଚ ଇଲାକାରେ ମଧ୍ୟ ଗଞ୍ଜେଇ ଚାଷ କରାଯାଇଥିବା ତଥ୍ୟ ରହିଛି। ଏସବୁ ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିବା ବେଳେ ବେଆଇନ ଗଞ୍ଜେଇ କାରବାର ରୋକିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉନାହିଁ। ନିକଟରେ ନୟାଗଡ଼ ସହର ନିକଟବର୍ତ୍ତୀ ଏକ ସ୍ଥାନରୁ ଗଞ୍ଜେଇ ଧରି ଜନୈକ ପୁଲିସ କର୍ମଚାରୀ ତାହାକୁ ବିକ୍ରି କରି ଦେଇଥିବା ଚର୍ଚ୍ଚା ହୋଇଥିଲା।

## ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ଗଠିତ



ବାଣପୁର, ୮।୧୨(ସମିସ): ସମାଜରେ ବଞ୍ଚିବା ସହ ଉପଯୁକ୍ତ ସୁରକ୍ଷା ଓ ବିଭିନ୍ନ ସରକାରୀ ସୁବିଧା ପାଇବା ନିମନ୍ତେ ବାଲୁଗାଁ ବାଣପୁର ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ବରିଷ୍ଠ ନାଗରିକ ମଞ୍ଚ ଗଢ଼ି ଉଠିଥିବା ବେଳେ ବାଣପୁର ବ୍ଲକ ଅଧୀନ ଗାଲୁଆ ପଞ୍ଚାୟତର ଭୀମପୁର ଗ୍ରାମରେ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ଯୁଗ୍ମ ସମ୍ପାଦକ ବସନ୍ତ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ଗୁରୁବାର ପୂର୍ବାହ୍ନରେ ଅଞ୍ଚଳର ବହୁ ବରିଷ୍ଠ ନାଗରିକମାନଙ୍କୁ ନେଇ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ଗଠିତ ହୋଇଛି। ପ୍ରାୟ ୨୦ରୁ ଅଧିକ ବରିଷ୍ଠ ନାଗରିକ ଆୟୋଜିତ ସଭାରେ ଉପସ୍ଥିତ ରହି ସେମାନଙ୍କ ବିଭିନ୍ନ ସମସ୍ୟା ଓ ତାହାର ନିରାକରଣ ଉପରେ ଆଲୋଚନା କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ବରିଷ୍ଠ ନାଗରିକ ବୃଦ୍ଧ ସମାଜରେ ଘଟୁଥିବା ବିଭିନ୍ନ ସମସ୍ୟା ତଥା ପାରିବାରିକ, ସ୍ୱାସ୍ଥ୍ୟଗତ ଓ ନ୍ୟାୟିକ କ୍ଷେତ୍ରରେ କିପରି ଶୋଷଣରୁ ମୁକ୍ତ ହେବା ସଂଗେ ସଂଗେ ଏକ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ସହାୟକ ହୋଇ ପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ସୁରକ୍ଷା ମଞ୍ଚର ସଭାପତି ଭାବେ କିଶୋର ଚନ୍ଦ୍ର ମିଶ୍ର, ସମ୍ପାଦକ ଭାବେ ବିଷ୍ଣୁ ଚରଣ ଦାଶ ଓ ନନ୍ଦ କିଶୋର ବାରିକଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି।

## ସ୍ୱାବଲମ୍ବୀ କାରିଗର ଓ ପମ୍ପ୍ ଚାଳକ ସଂଘର ବୈଠକ



ଖୋର୍ଦ୍ଧା, ୮।୧୨(ସମିସ): ସ୍ଥାନୀୟ ବାଟମଙ୍ଗଳା ପୀଠରେ ଖୋର୍ଦ୍ଧା ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକ ସଙ୍ଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଘ ସଭାପତି ଜିତେନ୍ଦ୍ର ବଳବନ୍ତରାୟଙ୍କ ଆବାହକତ୍ତ୍ୱରେ ସ୍ୱାବଲମ୍ବୀ କାରିଗର ଓ ପମ୍ପ ଚାଳକଙ୍କ ଦୀର୍ଘଦିନର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବା ସହିତ ସଙ୍ଘର ପ୍ରମୁଖ ଦାବି ଯଥା-ସର୍ବନିମ୍ନ ମଜୁରୀ ଓ ସରକାରୀ ମାନ୍ୟତା ଉପରେ ପୂର୍ବରୁ ସରକାରଙ୍କୁ ବହୁବାର ଜଣାଉଥିଲେ ମଧ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ତେଣୁ ପୁନର୍ବାର ଏହି ଦାବି ପୂରଣ ପାଇଁ ସଙ୍ଘ ପକ୍ଷରୁ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଖୋର୍ଦ୍ଧା ବିଡିଓ କ୍ଷୀରାବ୍ଧିତନୟା ସାହୁଙ୍କୁ ପ୍ରଦାନ କରାଯାଇଛି। ସରକାର ଯଦି ଦାବି ପୂରଣ ନ କରନ୍ତି ଆଗାମୀ ଦିନରେ ଜଳ ଯୋଗାଣ କାର୍ଯ୍ୟ ବନ୍ଦ କରିବାକୁ ସଂଘ ନିଷ୍ପତ୍ତି ନେଇଛି। ଅନ୍ୟମାନଙ୍କ ମଧ୍ୟରେ ମିନକେତନ ମହାନ୍ତି, ରତିକାନ୍ତ ସାହୁ, ମନୋରଞ୍ଜନ ପରିଡ଼ା, ବିଜୟା ନନ୍ଦ ବାରିକ, ସୁରେଶ ସାମନ୍ତରାୟ, ସୁକାନ୍ତ ସାହୁ, ସୁବାସ ସିଂ ଓ ଶତାଧିକ ପମ୍ପଚାଳକ ଓ ସ୍ୱାବଲମ୍ବୀ କାରିଗର ଉପସ୍ଥିତ ଥିଲେ।

## ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଉପାଧିପ୍ରାପ୍ତ ହେଲେ ବିଜୟାଲକ୍ଷ୍ମୀ



ବେଗୁନିଆ, ୮।୧୨(ସମିସ): ବେଗୁନିଆ ବ୍ଲକ ପୋଡାଡିହ ପଞ୍ଚାୟତ ଅନ୍ତର୍ଗତ ତୁଳସୀପୁର ଭଗବତୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ସୁଚିତ୍ରା ବେଉରା ଓ ବଙ୍ଗିଦା ସରକାରୀ ଉଚ୍ଚ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ବୀରେନ କୁମାର ନାୟକଙ୍କ ଝିଅ ବିଜୟାଲକ୍ଷ୍ମୀ ସର୍ବୋଚ୍ଚ ଉପାଧି ଡକ୍ଟରେଟ ହାସଲ କରିଛନ୍ତି। ସୂଚନା ଅନୁଯାୟୀ ଡଃ. ବିଜୟାଲକ୍ଷ୍ମୀ ଭୁବନେଶ୍ୱରସ୍ଥିତ ସୋଆ କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟରେ ସମ୍ପ୍ରସାରଣ ଶିକ୍ଷା ବିଭାଗର ସହକାରୀ ପ୍ରଫେସର ଭାବେ କାର୍ଯ୍ୟ କରି ଆସୁଛନ୍ତି। ତେବେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ପ୍ରଦୀପ କୁମାର ବାନାର୍ଜୀଙ୍କ ତତ୍ତ୍ୱାବଧାନରେ 'ଓଡ଼ିଶା ପରିବା ଚାଷୀ ମାନଙ୍କର ବ୍ୟବସାୟିକ ଭିତ୍ତିଭୂମି' ଉପରେ ସେ ଗବେଷଣା କରିଥିଲେ। ଏହି ସନ୍ଦର୍ଭଟି ଡକ୍ଟର ପିଭି ସତ୍ୟଗୋପାଳ ଓ ହାଇଦ୍ରାବାଦ କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟର ବରିଷ୍ଠ ପ୍ରଫେସର ଆଚାର୍ଯ୍ୟ ଏନ୍‌ଜି ରଙ୍ଗାଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ୨୦୨୩ ମସିହା ଫେବୃଆରୀ ୧୫ ତାରିଖରେ ପିଏଚ୍‌ଡି ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଡଃ. ବିଜୟାଲକ୍ଷ୍ମୀଙ୍କ ଏହି ସଫଳତା ପାଇଁ ଆତ୍ମୀୟ ସ୍ୱଜନଙ୍କ ସମେତ ସ୍ଥାନୀୟ ଅଞ୍ଚଳରେ ସଚେତନ ନାଗରିକ, ବୁଦ୍ଧିଜୀବୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମହିମା ସେବା ଫାଉଣ୍ଡେସନ୍ ପକ୍ଷରୁ କମ୍ବଳ ବଣ୍ଟନ

ବେଗୁନିଆ, ୮।୧୨(ସମିସ): ବେଗୁନିଆ ବ୍ଲକ ନିକଟସ୍ଥ ବାଗଲପୁର ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହିମା ସେବା ଫାଉଣ୍ଡେସନ ପକ୍ଷରୁ ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଫାଉଣ୍ଡେସନର ସଭାପତି ନାରାୟଣ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ତଥା ସାମ୍ବାଦିକ ଅରବିନ୍ଦ ତ୍ରିପାଠୀଙ୍କ ସଂଯୋଜନାରେ ମହିମା ସାଧୁ ମଧୁସୂଦନ ଦାସ ମୁଖ୍ୟ ଅତିଥି ଓ ଶିକ୍ଷାବିତ୍ ରମେଶ ଚନ୍ଦ୍ର ସାମନ୍ତରାୟ ଅତିଥି ଭାବେ ଯୋଗଦେଇ ସମାଜରେ ଅସହାୟ ଜନସାଧାରଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରିବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ସମାଜସେବୀ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ନିରୋଦ କାଳିଆ ପରିଚାଳନା କରିଥିଲେ।

### ସ୍କୁଲ୍‌ରେ ଜଣ୍ଡିସ୍ ସଂକ୍ରମଣ ଘଟଣା

# ଫଟା ପାଣି ପାଇପ୍‌ରେ ଯାଉଥିଲା ଆବର୍ଜନା ଜଳ

ଟାଙ୍ଗୀ, ୮।୧୨(ସମିସ)

ଚାନ୍ଦପୁର ଅଞ୍ଚଳରେ ଜଣ୍ଡିସ ସଂକ୍ରମଣ ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଲୋକ ଆକ୍ରାନ୍ତ ହୋଇଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ

- ପଦାରେ ପଡ଼ିଲା ଗ୍ରାମ୍ୟ ଜଳଯୋଗାଣ ପରିମଳ ବିଭାଗର ଗୁମର
- ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସ୍ଥିତି ଅନୁଧ୍ୟାନ କଲେ ସିଡିଏମ୍ଓ

ଖବର ପ୍ରକାଶ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏହି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଚାନ୍ଦପୁର ଦଶଦୋଳ ପଡ଼ିଆ ଦେଇ ଯାଇଥବା ପାନୀୟଜଳ ପାଇପ୍ ଫାଟି ସେହି ସ୍ଥାନରେ ଥିବା ବାହ୍ୟ ଦୂଷିତ ପଦାର୍ଥ ଏହି ପାଇପ୍ ଦେଇ ଯାଉଥିବା ଓ ଦୀର୍ଘ ଦିନ ଧରି ଯୋଗାଣ ପାଣିକୁ ବିଶୋଧିତ ନକରିବାରୁ ଏଭଳି ଅଭାବନୀୟ



ଘଟଣାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ଯାହାକି ଗ୍ରାମ୍ୟ ଜଳଯୋଗାଣ ପରିମଳ ବିଭାଗର ଅପାରଗତାକୁ ପଦାରେ ପକାଇ ଦେଇଛି।

ସୂଚନାଯୋଗ୍ୟ, ଏହି ଦୂଷିତ ପାନୀୟଜଳ ଚାନ୍ଦପୁର ପଞ୍ଚାୟତର ପାନୀୟଜଳ ଯୋଗାଣ ଟାଙ୍କି, ରାମଚଣ୍ଡୀ ନୋଡାଲ ଉଚ୍ଚବିଦ୍ୟାଳୟର କୂଅ ଓ ଟାଙ୍କି, ରାମଚଣ୍ଡୀ ମନ୍ଦିର ନିକଟସ୍ଥ ସୋଲାର ପାଣି ଟାଙ୍କି, କିଛି ଘରୋଇ କୂଅର ପାଣିର ନମୁନା ସମେତ ୧୨ଟି ସ୍ଥାନରୁ ପରୀକ୍ଷା କରାଯିବା ପରେ ୬ଟି ସ୍ଥାନରେ ପଜିଟିଭ ଥିବା ଜଣାପଡ଼ିଥିଲା। ଏପରିକି ବିଭିନ୍ନ ସନ୍ଦେହ ଥିବା ସ୍ଥାନରେ ବ୍ଲିଚିଂ ପକାଯାଇ ବିଶୁଦ୍ଧକରଣ କରାଯାଇଥିବାରୁ ଗତକାଲି ପୁଣି ମେଡିକାଲ ଟିମ୍ ପରୀକ୍ଷା କରି ସମ୍ପୂର୍ଣ୍ଣ ବିଶୋଧିତ ପାଣି ଥିବା ଜଣାପଡ଼ିଛି। ଏପରିକି ଗତକାଲି ଚାନ୍ଦପୁର ଅଞ୍ଚଳରେ ଥିବା ୭୭୫ଟି କୂଅରୁ ୫୭୭ଟି କୂଅକୁ ବିଶୁଦ୍ଧିକରଣ କରାଯାଇଥିବା ଜଣାପଡ଼ିଛି। ଗତ ୫ ତାରିଖରେ ରଣପୁର ବ୍ଲକ ଶିକ୍ଷାଧିକାରୀ ବନଲତା ବେହେରା ଚାନ୍ଦପୁର ରାମଚଣ୍ଡୀ ନୋଡାଲ ଉଚ୍ଚବିଦ୍ୟାଳୟ ପରିଭ୍ରମଣରେ ଆସି ପ୍ରଧାନଶିକ୍ଷକ ଓ ପରିଚାଳନା କମିଟି ସଭାପତି ସଭ୍ୟସଭ୍ୟାଙ୍କ ସହ ଆଲୋଚନା କରି ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ପରାମର୍ଶ ଦେଇଥିଲେ। ବୋରିଂ ପାଣି ଏବଂ ପାନୀୟଜଳ ଟାଙ୍କି ସହାୟତାରେ ମଧ୍ୟାହ୍ନଭୋଜନ କାର୍ଯ୍ୟ ଚାଲୁଥିବା ଜଣାପଡ଼ିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସିଡିଏମଓ ସୁଶାନ୍ତ କୁମାର ଦାସ, ଜିଲ୍ଲା ରୋଗ ନିୟନ୍ତ୍ରଣ ଅଧିକାରୀ ଡଃ ପୁଷ୍ପା ନିଳିମା ଲାକ୍ରା, ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡଃ ଜଗଦୀଶ ଚନ୍ଦ୍ର ଜେନା, ଦୁଇଜଣ ମାଇକ୍ରୋବାଇଓଲୋଜିଷ୍ଟ, ଜଣେ ଏପିଡେମୋଲୋଜିଷ୍ଟ ଓ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀଙ୍କ ସମେତ ଚାନ୍ଦପୁର ଗ୍ରାମ ସଭାପତି ସୁକାନ୍ତ କିଶୋର ସେନାପତି, ପାନୀୟଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ପରିଦର୍ଶନରେ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଡଃ ଜେନାଙ୍କ ସୂଚନା ଅନୁସାରେ ଅଞ୍ଚଳରେ ସମୁଦାୟ ୪୦ ଜଣ ଜଣ୍ଡିସ ଆକ୍ରମଣରେ ଶିକାର ହୋଇଥିବା ଓ ସେମାନଙ୍କ ମଧ୍ୟରୁ ୨୫ ଜଣ ସମ୍ପୂର୍ଣ୍ଣ ସୁସ୍ଥ ଓ ୧୫ ଜଣ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

### ଜିଲ୍ଲାସ୍ତରୀୟ ଇନ୍‌ପୁଟ ସହାୟତା ଶୁଭାରମ୍ଭ ସମାବେଶ

## ୩୧ରେ ଖୋଲିବ ମଣ୍ଡି, ଚାଷୀଙ୍କୁ ମିଳିବ ସହାୟତା

ଖୋର୍ଦ୍ଧା, ୮।୧୨(ସମିସ): ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଚାଷୀଙ୍କୁ ମିଳିବ ଧାନର ସର୍ବନିମ୍ନ ସହାୟତା ମୂଲ୍ୟ ଉପରେ ଇନ୍‌ପୁଟ ସହାୟତା ରାଶି। ୮ ଶହ ଟଙ୍କା ଇନ୍‌ପୁଟ ସହାୟତା ପାଇବେ ଚାଷୀ। ବରଗଡ଼ ଜିଲ୍ଲା ସୋହେଲାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀଙ୍କୁ ଇନ୍‌ପୁଟ ସହାୟତା ଯୋଜନାର ଶୁଭାରମ୍ଭ କରିଥିବାବେଳେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ଶୁଭାରମ୍ଭ ସମାବେଶ ହାବେଳି ପଡ଼ିଆଠାରେ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ



ଆଜି ଚାଷୀ ସମାଜ ପାଇଁ ଏକ ଐତିହାସିକ ଦିବସ। ଇନ୍‌ପୁଟ ସହାୟତା ଚାଷୀଙ୍କ ଆର୍ôଥକ ବିକାଶରେ ସହାୟକ ହେବ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଉପସ୍ଥିତ ଥିଲେ। ଜିଲ୍ଲାର ଚାଷୀମାନେ ଧାନର କ୍ୱିଣ୍ଟାଲ ପିଛା ୨୩ ଶହ ଟଙ୍କା ଓ ଇନ୍‌ପୁଟ ସହାୟତା ୮ ଶହ ଟଙ୍କା ମିଶାଇ ସମୁଦାୟ ୩୧ ଶହ ଟଙ୍କା ପାଇବେ। ଜିଲ୍ଲାରେ ଆସନ୍ତା ୩୧ ତାରିଖରୁ ୨୦୨୪-୨୫ ମସିହା ପାଇଁ ଧାନ କ୍ରୟ ଆରମ୍ଭ ହେବ। ଝୋଟ ଅଖାରେ ଏଥର ଧାନ କ୍ରୟ ହେବ। ତେବେ ପଞ୍ଜିକୃତ କରିଥିବା ଚାଷୀଙ୍କୁ ମେସେଜ ମାଧ୍ୟମରେ ଧାନ କ୍ରୟ ତାରିଖ ବିଷୟରେ ଅବଗତ କରାଯିବ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଶେଷରେ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଶିଳ୍ପୀ ମାନେ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ଜିଲ୍ଲାର ସମସ୍ତ ବ୍ଲକର ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗଦେଇଥିଲେ।

## ପାଇକ ବିଦ୍ରୋହ ସ୍ମାରକୀ ଶିଳାନ୍ୟାସ ପ୍ରତିଷ୍ଠା ଦିବସ

ଖୋର୍ଦ୍ଧା, ୮।୧୨(ସମିସ): ଭାରତର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨୦୧୯ ଡିସେମ୍ବର ୬ ତାରିଖରେ ବରୁଣେଇ ପାହାଡ଼ର ପାଦଦେଶରେ ପାଇକ ବିଦ୍ରୋହ ସ୍ମାରକୀ ଶିଳାନ୍ୟାସ କରିଥିଲେ। ଆଜି ତାର ଷଷ୍ଠତମ ଶିଳାନ୍ୟାସ ଉତ୍ସବ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭୀମସେନ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଥମେ ଗଡ଼ଖୋର୍ଦ୍ଧା ପଞ୍ଚପାଇକ ପୀଠରେ ମାଲ୍ୟାର୍ପଣ ଓ ବରୁଣେଇ ସ୍ମାରକୀ ପୀଠରେ ଜାତୀୟ ପତାକା ଉତ୍ତୋଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। କଳିଙ୍ଗ ପାଇକ ସଂଗଠନର ମୁଖ୍ୟ ସଞ୍ଚାଳକ ଇଂ.ଶିଶିର କୁମାର ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏନ୍‌ସିଇଆର୍‌ଟି ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ପାଇକ ବିଦ୍ରୋହ ସ୍ଥାନ ପାଇଛି ବୋଲି ପ୍ରକାଶ କରିଥିଲେ। ଉତ୍କଳ ବିକାଶ ପରିଷଦର ମହାସଚିବ ଋଷି ଗୁମାନସିଂହ ପାଇକ ବିଦ୍ରୋହର ବିଭିନ୍ନ କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ ସାମିଲ କରାଯିବା ପାଇଁ ପ୍ରସ୍ତାବ ଦେଇଥିଲେ। ପିଣ୍ଡିକି ବାହୁବଳେନ୍ଦ୍ର ସ୍ମୃତି କମିଟି ସମ୍ପାଦକ ଅମରେନ୍ଦ୍ର ମହାପାତ୍ର ପ୍ରତ୍ୟେକ ବର୍ଷ ପାଇକ ସ୍ମାରକୀ ସ୍ଥଳରେ ତିନି ଦିନ ଧରି ପାଇକ ମେଳା କରିବାକୁ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବପ୍ରସାଦ ମଜୁମଦାର, କାର୍ଯ୍ୟକାରୀ ସଭାପତି ମୃତ୍ୟୁଞ୍ଜୟ ଛୋଟରାୟ, ରମଜାନ ଖାଁ, ଶକ୍ତି ଶଙ୍କର ମିଶ୍ର, ଯଦୁପୁର ଦଳବେହେରା ଅବ୍ଦୁଲ କାଲାମ ଆଜାଦ୍, ଗଡ଼ମୋଟରୀର କିଶୋର ଚନ୍ଦ୍ର ଜେନା, ଦୋକିନ୍ଦା ଦଳବେହେରା ମନୋରଞ୍ଜନ ପଶ୍ଚିମକବାଟ, ପ୍ରଫୁଲ୍ଲ ସାମନ୍ତରାୟ, ସାମ୍ବାଦିକ ସମରେନ୍ଦ୍ର ବଳିଆରସିଂହ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ସଂଯୋଜନା କରିଥିଲେ। ସତ୍ୟବାଦୀ ବଳିଆରସିଂହ ଧନ୍ୟବାଦ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ବାଲୁଗାଁ, ୮।୧୨(ସମିସ): ବାଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୬ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅଭିନାଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଣପୁର ତହସିଲଦାର ଟି ପଦ୍ମନାଭ ଦୋରା, ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବୈରାଗୀ ଚରଣ ବଳ, ବିଦ୍ୟାମନ୍ଦିରର ପରିଚାଳନା କମିଟି ସଭାପତି ରାଜ କିଶୋର ଭୋପା ଯୋଗଦେଇ ବର୍ତ୍ତମାନର ଶିକ୍ଷା କ୍ଷେତ୍ରରେ କ୍ରୀଡ଼ାର ମହତ୍ତ୍ୱ ଓ ଛାତ୍ରଛାତୀମାନଙ୍କ ବୌଦ୍ଧିକ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଥମରୁ ଦଶମ ଶ୍ରେଣୀର ବହୁ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ଆସନ୍ତା ସୋମବାର ଏହି କ୍ରୀଡା ଉତ୍ସବର ଉଦ୍‌ଯାପନୀ ସମାରୋହରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଯିବ। ଶିଶୁ ବିଦ୍ୟା ମନ୍ଦିରର ଆଚାର୍ଯ୍ୟା ରାଜଶ୍ରୀ ଦେଇ, ମଞ୍ଜୁଲତା ପଟ୍ଟନାୟକ ଓ ଶିଶୁ ଭାରତୀ ଛାତ୍ରଛାତ୍ରୀ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ବାଣପୁର ଇଷ୍ଟଦେବୀ ମା' ଭଗବତୀଙ୍କ ମନ୍ଦିରରୁ ଛାତ୍ରଛାତ୍ରୀମାନେ ମଶାଲ ଶୋଭାଯାତ୍ରାରେ ଆସି ବିଦ୍ୟାଳୟରେ ସ୍ଥାପନ ପରେ ଏହି ବାର୍ଷିକ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରାଯାଇଥିଲା।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ଜଣେ ମୃତ

ବେଗୁନିଆ, ୮।୧୨(ସମିସ): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ-ବାଘମାରୀ ମଧ୍ୟରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଶନିବାର ସନ୍ଧ୍ୟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ, ଜଙ୍କିଆ ଥାନା ମାଣିକପୁର ପାଟଣା ଗ୍ରାମର କାର୍ତ୍ତିକ ସାହୁ(୪୫)। ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସୂଚନା ଅନୁଯାୟୀ, କାର୍ତ୍ତିକ ଭୁବନେଶ୍ୱରରୁ ପିଚୁକୁଳି ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଏସ୍‌ଆଇ ରମାକାନ୍ତ ବେହେରା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ଟାଙ୍ଗୀ, ୮।୧୨(ସମିସ): ରବିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟା ସମୟରେ ଟାଙ୍ଗୀ କାଲୁପଡ଼ା ପୂର୍ତ୍ତ ବିଭାଗ ରାସ୍ତାର ବଡ଼ଶଙ୍ଖ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ସନ୍ତୋଷ ମହାରଣା (୪୦) ଓ ତାଙ୍କ ସମ୍ପର୍କୀୟ ଭାଇ ଡୁଗୁ ମହାରଣା (୮)। ସେମାନଙ୍କ ଘର ଟାଙ୍ଗୀ ଥାନା ଅଧୀନସ୍ଥ ଜରିପଡ଼ା କମାର ସାହିରେ ବୋଲି ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଚାନ୍ଦପୁରରୁ ଭାଇର ଡ୍ୟାନ୍ସ କ୍ଲାସ ସାରି ଏକ ମୋଟରସାଇକେଲରେ ଉଭୟ ଘରକୁ ଫେରୁଥିଲେ। ବଡ଼ଶଙ୍ଖ ନିକଟରେ ଗାଡ଼ିର ବ୍ରେକ ଫେଲ୍ ହୋଇଯିବାରୁ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇ ନଈ ଭିତରକୁ ଖସି ପଡ଼ିଥିଲା। ଟାଙ୍ଗୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରିଥିଲା। ପରେ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର

ବାଲୁଗାଁ, ୮।୧୨(ସମିସ): କାଳିଜାଇ ମୋଟରବୋଟ୍ ଆସୋସିଏସନ୍ ବାଲୁଗାଁ ଆନୁକୂଲ୍ୟରେ ଶୁକ୍ରବାର ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଚିଲିକା କୂଳ ଜେଟିସ୍ଥିତ ଆସୋସିଏସନ୍ ଗୃହରେ ଅନୁଷ୍ଠିତ ହୋଇଯାଇଛି। କେୟାର ନେତ୍ରମ ଭୁବନେଶ୍ୱରର ସହଯୋଗରେ ଏହି ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହେଇଥିଲା। ଏହି ଶିବିରରେ କେୟାର ନେତ୍ରମର ଅଭିଜ୍ଞ ଚକ୍ଷୁ



ଚିକିତ୍ସକ ଓ ସହଯୋଗୀମାନେ ଯୋଗଦେଇ ଅଞ୍ଚଳର ଶତାଧିକ ଚକ୍ଷୁରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଆସୋସିଏସନ୍‌ର ସଭାପତି ଲକ୍ଷ୍ମୀଧର ତରେଇ, ସମ୍ପାଦକ କୃଷ୍ଣଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## କୁମାରବସ୍ତ ଲୋକନାଥ କ୍ରିକେଟ: ଢେଙ୍କାନାଳ ଚାମ୍ପିଅନ

ଖୋର୍ଦ୍ଧା, ୮।୧୨(ସମିସ)

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଲୋକନାଥ ଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ଫାଇନାଲ ଦିବସରେ ପ୍ରଥମ ପ୍ରଦର୍ଶନୀ ମ୍ୟାଚ୍‌ରେ ଗୁରୁଜଙ୍ଗ ଭେଟରାନ୍ ଦଳ କୁମାରବସ୍ତ ଭେଟରାନ୍ ଦଳକୁ ୫୩ ରନ୍‌ରେ ପରାସ୍ତ କରି ବିଜେତା ହୋଇଛି। ନନ୍ ଆଧାର କାର୍ଡ ଫାଇନାଲ ମ୍ୟାଚ୍‌ରେ ଢେଙ୍କାନାଳ ଦଳ ଭାଲିଆବାଡି ଦଳକୁ ୯୮ ରନ୍‌ରେ ପରାସ୍ତ କରିଛି। ଢେଙ୍କାନାଳ ଦଳ ପ୍ରଥମେ ବ୍ୟାଟିଂ କରି ଚନ୍ଦନ ମହାପାତ୍ରଙ୍କ ୪୮ ରନ୍, ସୁନିଲ ସାହୁଙ୍କ ୨୯ ରନ୍ ଓ ବିକାଶ ରାଉତଙ୍କ ୨୯ ରନ୍ ସହାୟତାରେ ୯ ୱିକେଟ ହରାଇ ୧୮୧ ରନ୍ ସଂଗ୍ରହ କରିଥିଲେ। ଜବାବରେ ଭଳିଆବାଡି ଦଳ ୧୫.୩ ଓଭରରେ ସମସ୍ତ ୱିକେଟ ହରାଇ ୮୪ ରନ୍‌ରେ ସୀମିତ ରହିଥିଲା। ଦଳ ତରଫରୁ ଗୌତମ ସ୍ୱାଇଁ ୨୮ ରନ୍ କରିଥିଲେ। ଢେଙ୍କାନାଳ ଦଳ ଚାମ୍ପିଅନ ଓ ଭଳିଆବାଡି



ଦଳ ରନର୍ସ ଅପ୍ ହୋଇଥିଲେ। ଶ୍ରେଷ୍ଠ ବ୍ୟାଟର ମୃତ୍ୟୁଞ୍ଜୟ ମାନସିଂହ, ଶ୍ରେଷ୍ଠ ବୋଲର ରାଜୀବ ଲୋଚନ ପରିଡ଼ା, ଶ୍ରେଷ୍ଠ ଖେଳାଳି ଓ ମ୍ୟାନ୍ ଅଫ ଦି ସିରିଜ୍ ବିକାଶ ରାଉତଙ୍କୁ ଅତିଥିମାନେ ପୁରସ୍କୃତ କରିଛନ୍ତି। ଶ୍ରେଷ୍ଠ ମ୍ୟାଚ୍ ପରିଚାଳକ ଭାବେ ଛବି ନାରାୟଣ ସାହୁ, ସାନୁଜ ବିଶ୍ୱାଳ, ଦୁର୍ଯ୍ୟୋଧନ ପରିଡ଼ା ଓ ପ୍ରଦୋଷ ବଳିଆରସିଂହ ପୁରସ୍କୃତ ହୋଇଥିଲେ। ଶୋଭାକର ପାତ୍ର, ପ୍ରିତିରଞ୍ଜନ ବିଜୟସିଂ ଓ ବନବିହାରୀ ସ୍ୱାଇଁ ମ୍ୟାଚ୍ ରେଫରୀ ଭାବରେ କାର୍ଯ୍ୟ କରିଥିଲେ। ସ୍କୋରର ଭାବେ ରଞ୍ଜନ ବରାଳ, ପ୍ରକାଶ ସାହୁ, ଶିବଦତ୍ତ ବଡ଼ଜେନା ଓ ଶ୍ରଧାକର ପାତ୍ର ଥିଲେ। ସଂଯୋଜକ ଭାବେ ଅବ୍ୟକ୍ତ ହରିହର ଖାଡଙ୍ଗା ଏବଂ ଏସ ଆର ରାୟ କାର୍ଯ୍ୟ କରିଥିଲେ। ଘୋଷକ ଭାବେ ପାର୍ଥସାରଥୀ ରାଉତରାୟ, ଅମିୟ ପ୍ରଧାନ, କମଳ ପ୍ରଧାନ ସମ୍ମାନିତ ହୋଇଥିଲେ। ଆଜି ପ୍ରଥମ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଓ ଦ୍ୱିତୀୟ ମ୍ୟାଚ୍‌ରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ୱାଣ୍ଡରେଲ୍ଲାର ମୁଖ୍ୟ ନିର୍ବାହୀ କଳ୍ପତରୁ ନାୟକ, ଉତ୍କଳ କର୍ମଜୀବୀ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ ହାତୀ ଓ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟକୁ ସଞ୍ଜୟ ପାଇକରାୟ ଓ କାଜଲ ବଳିଆରସିଂହ ପରିଚାଳନା କରିଥିଲେ।

## ଶ୍ରୀଚୈତନ୍ୟ ବିହାରର ପ୍ରତିଷ୍ଠା ଉତ୍ସବ



ଖୋର୍ଦ୍ଧା, ୮।୧୨(ସମିସ): ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏସନ୍ ତରଫରୁ ଶ୍ରୀ ଚୈତନ୍ୟ ବିହାରର ବାର୍ଷିକ ଉତ୍ସବ ଏବଂ ଗ୍ରନ୍ଥ ଲୋକାର୍ପଣ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଷ୍ଟ ପ୍ରହର, ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପରଦିନ ଗ୍ରନ୍ଥ ଲୋକାର୍ପଣ ହୋଇଥିବାବେଳେ ଆଲୋଚନାଚକ୍ରରେ ଆଠଗଡ଼ର ଯସୋଦା ମହାରାଜ ମୁଖ୍ୟ ବକ୍ତା, ତ୍ରିଲୋଚନ ଭାରତୀ ମୁଖ୍ୟ ଅତିଥି, ଅନ୍ୟତମ ଅତିଥି ଡା. ଆଶୁତୋଶ୍ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ଶ୍ରୀଚୈତନ୍ୟ ଗବେଷକ ଜାନକୀବଲ୍ଲଭ ପଟ୍ଟନାୟକ ମୁଖ୍ୟ ଆଲୋଚକ, ଅଧ୍ୟାପକ ହେମନ୍ତ କୁମାର ଦାସ, ଶିକ୍ଷାବିତ୍ ଯୁଧିଷ୍ଠିର ଛୁଆଳସିଂ ଆଲୋଚନା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପଣ୍ଡିତ ଗୋପବନ୍ଧୁ ପଣ୍ଡା, ବୋଧାୟନ୍ ମହାରାଜ, ସାଧୁ ବାବା, ଯୋଗେଶ୍ୱର ସିଂହ, ଅଶୋକ ରଣା, ଅନନ୍ତ ବାବା ଯୋଗ ଦେଇଥିଲେ। ଏହି କର୍ଯ୍ୟକ୍ରମକୁ ସଂଘ ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ ସଂଯୋଜନା କରିଥିଲେ।

